# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO.- 10, ISSUE NO.-1, DATE : 15.01.2023-31.01.2023 FORTNIGHTLY (ODIA), BHUBANESWAR. PAGES-08


## ବିପ୍ଳବୀ ଆନ୍ଦୋଳନରେ ପ୍ରତିନିୟତ ସୁନ୍ଦର ଅସୁନ୍ଦରର ଦ୍ୱନ୍ଦ୍ୱ ରହିଛି ।



*[୧୯୭୪ ମସିହା ଫେବୃୟାରୀ ୧୧ରୁ ୧୪ତାରିଖ ପର୍ଯ୍ୟନ୍ତ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କଲିକତା ଜିଲ୍ଲା କମିଟି ଉଦ୍ୟୋଗରେ ଦଳର ନେତା ଓ କର୍ମୀମାନଙ୍କର ଏକ ରାଜନୈତିକ ଶିକ୍ଷା ଶିବିର ଆୟୋଜିତ ହୋଇଥିଲା । ଏହି ଶିକ୍ଷା ଶିବିରରେ ସର୍ବହରାର ମହାନନେତା, ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ ତଥା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟିର ପ୍ରତିଷ୍ଠାତା ସାଧାରଣ ସଂପାଦକ କମ୍ରେଡ୍ ଶିବଦାସ ଘୋଷ ଅନେକ ଗୁରୁତ୍ୱପୂର୍ଣ୍ଣ ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ସାଂଗଠନିକ ସମସ୍ୟା ଉପରେ ଆଲୋଚନା କରିଥିଲେ । ମହାନ ନେତାଙ୍କର ଜନ୍ମ ଶତବର୍ଷ ଉପଲକ୍ଷେ ଏହି ଶିକ୍ଷା ଶିବିରର ଆଲୋଚନାକୁ ପୁସ୍ତିକା ଆକାରରେ ପ୍ରକାଶ କରାଯାଇଛି । ଏହି ପୁସ୍ତିକାର ଏକ ନିର୍ବାଚିତ ଅଂଶ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ସ୍ଥାନିତ କରାଯାଉଛି । ଆଶା କରୁଛୁ ବିପ୍ଳବୀ ସଂଗ୍ରାମରେ ଲିପ୍ତ ପାର୍ଟିର ନେତା, କର୍ମୀ, ସମର୍ଥକ, ଦରଦୀ ଓ ସର୍ବହରା କ୍ରାନ୍ତିର ଅଗଣିତ ପାଠକମାନଙ୍କ ପାଇଁ ଏହା ଉପାଦେୟ ସାବ୍ୟସ୍ତ ହେବ । ସଂପାଦକ-ସର୍ବହରା କ୍ରାନ୍ତି]*

ମନେରଖିବେ, ଏହି ବିପ୍ଳବୀ ସଂଗ୍ରାମରେ ମଧ୍ୟ ଅନେକ କଣ୍ଟା ରହିଛି, ଅନେକ ରକ୍ତକ୍ଷୟୀ କଷ୍ଟ ରହିଛି, ଅନେକ ଦୁଃଖ-ବେଦନାର ଘଟଣା ରହିଛି, ଅନେକ ଭଲଲାଗିବା, ମନ୍ଦ ଲାଗିବାର ବିଷୟ ରହିଛି, ତଥାପି ବିପ୍ଳବର ରାସ୍ତା ହିଁ ଆପଣଙ୍କର ସଠିକ୍ ରାସ୍ତା- ଏହିଭଳିଭାବ ଆପଣମାନଙ୍କୁ ବୁଝିବାକୁ ହେବ। ଆପଣମାନେ ଯଦି ଏହିଭଳିଭାବେ ବୁଝନ୍ତି ଯେ, ବିପ୍ଳବର ରାସ୍ତାରେ କୌଣସି କଣ୍ଟା ନାହିଁ, କୌଣସି ଦ୍ୱନ୍ଦ୍ୱ ନାହିଁ, ସଂଘାତ ନାହିଁ, ଅସୁବିଧା ନାହିଁ, କୌଣସି ପ୍ରକାରର ଭୁଲ ତ୍ରୁଟି ନାହିଁ, କୌଣସି ପ୍ରକାର ଅନ୍ୟାୟ ନାହିଁ, ତା'ହେଲେ ଭୁଲ ବୁଝିବେ। ପୁଣି ଅନ୍ୟାୟ ଅଛି ବୋଲି ଏହି ରାସ୍ତାଟିକୁ ପରିତ୍ୟାଗ କରାଯାଏ ନା। କାରଣ ଅନ୍ୟାୟର ଦ୍ୱାହି ଦେଇ ଯଦି ଆପଣ ଏହି ରାସ୍ତା ପରିତ୍ୟାଗ କରି ଗତାନୁଗତିକ ଜୀବନକୁ ଫେରି ଯାଆନ୍ତି, ତା'ହେଲେ ଆପଣ ଏକ ବଡ଼ ଅନ୍ୟାୟକୁ ପ୍ରଶ୍ରୟ ଦେଉଛନ୍ତି, ଯାହା କୌଣସି ରାସ୍ତା ହିଁ ନୁହେଁ। ତା' ହେଉଛି ପୁଞ୍ଜିବାଦର ଗୋଲାମୀର ରାସ୍ତା। ବିପ୍ଳବ ରାସ୍ତାରେ ଯେଉଁ ସବୁ ଭୁଲ ତ୍ରୁଟି ବା ଅନ୍ୟାୟ ହେଉଛି- ସେଗୁଡ଼ିକୁ ଆପଣ ସଂଶୋଧନ (correction) କରିବା ପାଇଁ ସଂଗ୍ରାମ କରିପାରନ୍ତି। ଏହା ମଧ୍ୟରେ ହିଁ ରହିଛି ଆପଣଙ୍କର ସଂଗ୍ରାମ। ସୁତରାଂ, ଆପଣଙ୍କର ଏମିତି ଭାବିବାର କୌଣସି କାରଣ ନାହିଁ ଯେ, ବିପ୍ଳବର ରାସ୍ତାଟା ଖୁବ୍ ସହଜ, ସରଳ। ନା, ତା ନୁହେଁ। ଏହି ରାସ୍ତାଟା ସିଧା ରାସ୍ତା ନୁହେଁ, ସରଳ ରେଖା ମଧ୍ୟ ନୁହେଁ, ଏହା ଏକ ନିର୍ଲିପ୍ତ ଆରାମର ରାସ୍ତା ମଧ୍ୟ ନୁହେଁ, ତେବେ ଅସୁନ୍ଦର ନୁହେଁ। ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ଗୋଟିଏ କଥା ଭଲଭାବରେ ବୁଝିବା ଦରକାର। ସୁନ୍ଦର, ଆନନ୍ଦମୟ ଏହି କଥାଗୁଡ଼ିକର କୌଣସି ଅର୍ଥ ନାହିଁ, ଯଦି ମୁଁ ଭାବେ କେବଳ ସୁନ୍ଦର ହିଁ ରହିବ; ତେବେ ସୁନ୍ଦରର ତ କୌଣସି ଗୁରୁତ୍ୱ ରହିବ ନାହିଁ। ଅସୁନ୍ଦର ପାଖାପାଖି

*(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)*



୨୨ ଏପ୍ରିଲ୍ ୧୮୭୦ ୨୧ ଜାନୁଆରୀ ୧୯୨୪

[ ସର୍ବହରାର ମହାନ ନେତା, ଋଷ ବିପ୍ଳବର ରୂପକାର **କମ୍ରେଡ୍ ଲେନିନ୍‌ଙ୍କ** ମୃତ୍ୟୁ ଦିବସ ଉପଲକ୍ଷେ ସର୍ବହରା କ୍ରାନ୍ତି ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ]

"ବିପ୍ଳବୀ ତତ୍ତ୍ୱକୁ ବାଦ୍‌ଦେଇ କୌଣସି ବିପ୍ଳବୀ ଆନ୍ଦୋଳନ ପରିଚାଳିତ ହୋଇ ପାରିବ ନାହିଁ । x x x x ସର୍ବାପେକ୍ଷା ବିକଶିତ ତତ୍ତ୍ୱଦ୍ୱାରା ପରିଚାଳିତ ହେଉଥିବା ପାର୍ଟି ହିଁ ଅଗ୍ରଣୀ ଯୋଦ୍ଧାର ଭୂମିକା ପାଳନ କରିବ ।"

## ଏକଦା ନେତାଜୀଙ୍କର ଚୂଡ଼ାନ୍ତ ବିରୋଧି ଶକ୍ତିମାନେ ଆଜି ତାଙ୍କର ପରମ ଭକ୍ତ ସାଜିଛନ୍ତି

ଦେଶର ସ୍ୱାଧୀନତାପରେ ନେତାଜୀ ଚନ୍ଦ୍ର ବୋଷ ଦେଶପାଇଁ କାମ କରିବାର ସୁଯୋଗ ପାଇଥିଲେ ନିଃସନ୍ଦେହରେ ସମସ୍ତଙ୍କର ପାଇଁ ଉପଯୁକ୍ତ ଶିକ୍ଷା ଓ ଜନସ୍ୱାସ୍ଥ୍ୟ ଭଳି ବିଷୟଗଡିକୁ ଅଗ୍ରାଧିକାର ଦେଇଥାନ୍ତେ । ବିଶେଷକରି ନିରକ୍ଷରତା ଦୂର କରିବାପାଇଁ ଚେଷ୍ଟା କରିଥାନ୍ତେ । ଡିସେମ୍ବର ୩୧ ତାରିଖରେ ଅନୁଷ୍ଠିତ ଆନ୍ତର୍ଜାତୀୟ ୱେବିନାରରେ ଜର୍ମାନୀରୁ ଅଂଶଗ୍ରହଣ କରି ଏହା କହିଛନ୍ତି ନେତାଜୀଙ୍କର କନ୍ୟା ଅବସରପ୍ରାପ୍ତ ଅର୍ଥନୀତି ପ୍ରଫେସର ଅଧ୍ୟାପକ ଅନୀତା ବୋଷ ଫାପ୍ ।

ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଅପୋଷହୀନ ଧାରାର ବଳିଷ୍ଠତମ ପ୍ରତିନିଧି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୬ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଜାନୁଆରୀ ୧ରୁ ୨୩ତାରିଖ ପର୍ଯ୍ୟନ୍ତ ଏହି ମହାନ ବିପ୍ଳବୀଙ୍କର ସଂଗ୍ରାମକୁ ସ୍ମରଣ କରିବାପାଇଁ ଗଠିତ ସର୍ବଭାରତୀୟ କମିଟି ପକ୍ଷରୁ ନାନାଧରଣର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ୩୧ ଡିସେମ୍ବରରେ ଗୋଟିଏ ଆନ୍ତର୍ଜାତୀୟ ୱେବିନାର ମଧ୍ୟଦେଇ ଏହି ୩ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା । ଫେସ୍‌ବୁକ୍, ୟୁଟ୍ୟୁବ୍ ସହିତ ଏବଂ ଦେଶର ବିଭିନ୍ନ ସ୍ଥାନରେ ଏକତ୍ରିତ ହୋଇ ଲକ୍ଷାଧିକ ଲୋକ




ଏହି ୱେବିନାରର ଆଲୋଚନା ଶୁଣିଥିଲେ । ଭାରତ ବ୍ୟତୀତ ପୃଥିବୀର ବିଭିନ୍ନ ଦେଶର ଲୋକ ମଧ୍ୟ ଏହି ଆଲୋଚନା ସଭାରେ ଯୋଗ ଦେଇଥିଲେ ।

ଏହି ସଭାରେ ଯୋଗ ଦେଇ ନେତାଜୀଙ୍କର କନ୍ୟା ଅନୀତା ବୋଷ ଫାପ୍ କହିଲେ, ନେତାଜୀ ସ୍ୱାଧୀନ ଭାରତରୁ ଅଶିକ୍ଷା, ଶ୍ରମିକ କୃଷକଙ୍କର ଶୋଷଣ, ଧର୍ମ-ବର୍ଣ୍ଣକୁ ଭିତ୍ତିକରି ଭେଦଭାବ ଓ ସାଂପ୍ରଦାୟିକତାକୁ ନିର୍ମୂଳ କରିବାକୁ ଚାହିଁଥିଲେ । ପୁରୁଷଶାସିତ ସମାଜରେ ଗରିବ ଜନସାଧାରଣ ଓ ନାରୀ ନିର୍ଯ୍ୟାତନା, ଜାତି-ଧର୍ମ-ବର୍ଣ୍ଣର ଭେଦଭାବ ଏବଂ ଶ୍ରମିକ ଶୋଷଣ ବିରୁଦ୍ଧରେ ନେତାଜୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସ୍ମରଣକରି ଅଧ୍ୟାପକ ଫାପ୍ କହିଥିଲେ ଯେ ନେତାଜୀ ସମାଜ ପରିବର୍ତ୍ତନ ପାଇଁ ଛାତ୍ର ଓ ଯୁବ ସମାଜକୁ ନିର୍ଣ୍ଣାୟକ ଭୂମିକା ପାଳନ କରିବାପାଇଁ ଉଦ୍‌ବୁଦ୍ଧ କରିଥିଲେ । ସେ ଆଜାଦହିନ୍ଦ୍ ବାହିନୀରେ ନାରୀର ମର୍ଯ୍ୟାଦା ଓ ଅଧିକାର ପ୍ରତିଷ୍ଠା କରିଥିଲେ । ପ୍ରଫେସର ଫାପ୍ କହିଥିଲେ ଯେ ନେତାଜୀ କେବେହେଲେ ବ୍ୟକ୍ତିର ବ୍ୟକ୍ତିଗତ ଧର୍ମବିଶ୍ୱାସକୁ ଧର୍ମନିରପେକ୍ଷ ନୀତିର ଉର୍ଦ୍ଧ୍ୱରେ ସ୍ଥାନ ଦେଇ ନାହାନ୍ତି ।

ୱେବିନାରର ଅନ୍ୟତମ ବକ୍ତା, କମିଟିର ସଭାପତି ତଥା ବିଖ୍ୟାତ ବୈଜ୍ଞାନିକ ଡଃ ସୌମିତ୍ର ବାନାର୍ଜୀ କହିଥିଲେ ନେତାଜୀ ସାଂପ୍ରଦାୟିକତା ଓ ସାଂପ୍ରଦାୟିକ ଶକ୍ତିଗୁଡିକୁ କ୍ୟାନସରର ସହିତ ତୁଳନା କରିଥିଲେ । ଏହା ବିରୁଦ୍ଧରେ ନେତାଜୀ ସାରା ଜୀବନ ଲଢେଇ କରିଛନ୍ତି । ଭାରତର ସ୍ୱାଧୀନତା ସଂଗ୍ରାମରେ ସୁସ୍ପଷ୍ଟ ଦୁଇଟି ଧାରା ବିଷୟ ଉଲ୍ଲେଖ କରି ଡଃ ବାନାର୍ଜୀ କହିଥିଲେ ଯେ ନେତାଜୀ ଥିଲେ ଆପୋଷହୀନ ଧାରାର ବଳିଷ୍ଠତମ ପ୍ରତିନିଧି । ସେ କହିଥିଲେ ଯେ ସ୍ୱାଧୀନତା ଆନ୍ଦୋଳନ ସମୟରେ

*(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)*

## ବିପ୍ଳବୀ ଆନ୍ଦୋଳନରେ ....

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆସି ପ୍ରତିନିୟତ ସୁନ୍ଦରକୁ ମାରିବାକୁ ଚାହେଁ, ଆଉ ସେଥିପାଇଁ ତ ସୁନ୍ଦରର ଏତେ ଆଦର । ସେହି କାରଣରୁ ତ ସୁନ୍ଦରକୁ ଗ୍ରହଣ କରିବା ପାଇଁ ମଣିଷର ଏତେ ଆକୁଳତା । ଯଦି କେବଳ ସୁନ୍ଦର ହିଁ ଥାନ୍ତା, ତା'ହେଲେ ସୁନ୍ଦରକୁ ନେଇ କେହି ହିଁ ଏତେ ମୁଣ୍ଡ ଖେଳାନ୍ତେ ନାହିଁ । ତେଣୁ ଯେତେବେଳେ ହିଁ ସୁନ୍ଦରର କଥା କହିବେ, ସେତେବେଳେ ମନେରଖିବାକୁ ହେବ, ବିପ୍ଳବୀ ଆନ୍ଦୋଳନରେ ସୁନ୍ଦର ହିଁ ଅଛି, ଅସୁନ୍ଦର ନାହିଁ–ଏହା ବିପ୍ଳବୀ ଆନ୍ଦୋଳନ ସମ୍ପର୍କରେ କୌଣସି ଚେତନା ହିଁ ନୁହେଁ । କୌଣସି ଆନ୍ଦୋଳନ ସମ୍ବନ୍ଧରେ ଏହା କୌଣସି ଯଥାର୍ଥ ଚେତନା ହିଁ ନୁହେଁ, କୌଣସି ବିଷୟରେ ହିଁ ଏହା ଯଥାର୍ଥ ଚେତନା ନୁହେଁ । ଯେଉଁଠାରେ ହିଁ ସୁନ୍ଦର ଅଛି, ସେହି ପରିବେଶରେ ଅସୁନ୍ଦର ମଧ୍ୟ ତା'ଭଳି ଅଛି । ତେଣୁ ବିପ୍ଳବୀ ଆନ୍ଦୋଳନ ମଧ୍ୟରେ ବି ପ୍ରତିନିୟତ ସୁନ୍ଦର ଅସୁନ୍ଦର ମଧ୍ୟରେ ଲଢ଼େଇ ରହିଛି । ନ୍ୟାୟ ଅନ୍ୟାୟର ଲଢ଼େଇ ରହିଛି, ଭଲ ମନ୍ଦର ଲଢ଼େଇ ଓ ଉଚିତ ଅନୁଚିତର ଲଢ଼େଇ ରହିଛି । ନହେଲେ ଉଚିତ ମଧ୍ୟ ରହନ୍ତା ନାହିଁ, ଅନୁଚିତ୍ ମଧ୍ୟ ରହନ୍ତା ନାହିଁ । ଉଚିତ୍ ସମ୍ବନ୍ଧିତ ଧାରଣା ସବୁକାଳରେ, ସବୁ ସମୟରେ ସମାନ ନୁହେଁ । ନ୍ୟାୟ ସମ୍ବନ୍ଧିତ ଧାରଣା ମଧ୍ୟ ସବୁ କାଳରେ ସବୁ ସମୟରେ ସମାନ ନୁହେଁ । ଅନ୍ୟାୟ ସମ୍ବନ୍ଧିତ ଧାରଣା ମଧ୍ୟ ସେଇୟା । ଅନ୍ୟାୟର ପ୍ରକୃତି ମଧ୍ୟ ସବୁ କାଳରେ ସବୁ ସମାଜରେ ସମାନ ନୁହେଁ । ତେଣୁ ବିପ୍ଳବ ମଧ୍ୟରେ ଅନ୍ୟାୟ ସମ୍ପର୍କିତ ଧାରଣା ବା ଯାହା ଅନ୍ୟାୟ ବୋଲି ମନେହୁଏ, ପୁଞ୍ଜିବାଦର ବହୁ ନ୍ୟାୟ ଧରଣା ଠାରୁ ତା' ଅନେକ ଉନ୍ନତ ସ୍ତରର । ଏହି କଥାଟି ସବୁ ସମୟରେ ମନେରଖିବାକୁ ହେବ । କିନ୍ତୁ, ବିପ୍ଳବୀ ଆନ୍ଦୋଳନରେ ନ୍ୟାୟର ମାପକାଠିରେ ମଧ୍ୟ ଅନ୍ୟାୟ ଆସି ବାରମ୍ବାର ନ୍ୟାୟର ପଥ ରୋଧ କରିବାକୁ ଚାହିଁବ । ନେତୃତ୍ୱ କେତେ ଯୋଗ୍ୟ, କର୍ମୀମାନେ କେତେ ସତର୍କ ଓ ସଂହତ– ଏହି ତିନୋଟି ଫ୍ୟାକ୍ଟର ଉପରେ ନିର୍ଭର କରେ ଏହାକୁ କେତେ ଅଟକାଯାଇ ପାରିବ, କେତେ କମ୍ ଅଟକାଯାଇ ପାରିବ ଅଥବା ଏହା କେତେ କମ୍ ବିପତ୍ତି ସୃଷ୍ଟି କରିପାରିବ । ତେବେ ଅନ୍ୟାୟ ଘଟି ହିଁ ପାରେ ନା, ବିପ୍ଳବୀ ଆନ୍ଦୋଳନ ଏତେ utopian (କଳ୍ପନା ବିଳାସୀ) ଧାରଣା ନେଇ ଚାଲେନା । କୌଣସି ଏକ ଅନ୍ୟାୟ ଦେଖିଲେ ହିଁ ସଙ୍ଗେ ସଙ୍ଗେ ଯେଉଁମାନଙ୍କର ମୁଣ୍ଡ ଖରାପ ହୋଇଯାଏ, ସେତେବେଳେ ଯେଉଁମାନେ ଭାବିବାକୁ ଲାଗନ୍ତି ଯେ, ତା'ହେଲେ ଆଉ କଣ ହେବ– ଏହି ମାନସିକତା ନେଇ ଚାଲିଲେ ତ ବିପ୍ଳବୀ ଆନ୍ଦୋଳନକୁ ସେ ବୁଝିପାରିବେ ନାହିଁ । ହଁ, ନେତାମାନେ କୌଣସି ପ୍ରଶ୍ନରେ ଭୁଲ କରିଛନ୍ତି, ଅମୁକ ନେତା ଅନ୍ୟାୟ କରିଛନ୍ତି, ଅମୁକ ବିଷୟଟା ଠିକ୍ ହୋଇ ନାହିଁ, ଏହି ପ୍ରଶ୍ନଗୁଡ଼ିକୁ ପାର୍ଟି ମଧ୍ୟରେ ଜୋର ଦେଇ ଉଠାଇବାକୁ ହେବ, କହିବାକୁ ହେବ ଏବଂ ଫାଇଟ୍ କରିବାକୁ ହେବ । କିନ୍ତୁ ନୀତି ବହିର୍ଭୂତ ଉପାୟରେ ନୁହେଁ, ପାର୍ଟିର ଶୃଙ୍ଖଳା ଏବଂ ସମାଲୋଚନା ଓ ଆତ୍ମ ସମାଲୋଚନାର ଯେଉଁ ରୀତି ପଦ୍ଧତି ରହିଛି ତାକୁ ଲଂଘନ କରି ନୁହେଁ । କାରଣ ତାହା ସର୍ବାତ୍ମକ ସ୍ୱାର୍ଥର ପରିପ୍ରେକ୍ଷୀରେ ଗଢି ଉଠିଛି । ପାର୍ଟିର ଆନ୍ଦୋଳନ, ବିପ୍ଳବୀ ଆନ୍ଦୋଳନକୁ ଆଗେଇ ନେଇ ଯିବାର ଯେଉଁ ସର୍ବାତ୍ମକ ସ୍ୱାର୍ଥବୋଧ, ତା'ରି ପରିପ୍ରେକ୍ଷୀରେ କେତେଗୁଡ଼ିଏ ନୀତି, ଧାରଣା, ସମାଲୋଚନା ଓ ଆତ୍ମସମାଲୋଚନାର ରୀତି ଆମର ନିର୍ଦ୍ଧାରିତ ହୋଇଛି । ତା'ହେଲେ ସେହି ରୀତି ମଧ୍ୟରେ ହିଁ ଏହି ଅନ୍ୟାୟ ଓ ଭୁଲ–ତ୍ରୁଟିଗୁଡ଼ିକ ଯେତେବେଳେ ଯାହାର ଆଖିରେ ପଡ଼ିବ, ଜୋର ଦେଇ ସେଗୁଡ଼ିକୁ କହିବାକୁ ହେବ । ଭୁଲ ହେଉ, ଭୁଲ ହେଲେ ମଧ୍ୟ ଭୟ ପାଇବାର କିଛି ନାହିଁ । ଯେତେବେଳେ ଭୁଲ ହିଁ ବୁଝିଛି, ଭୁଲଭାବେ ମଧ୍ୟ ଯଦି ମୋ ମନରେ ପ୍ରଶ୍ନ ଉଠିଥାଏ, ତେବେ ମୁଁ ଯା' ମନେକରେ ତା' କହିବା ଉଚିତ୍ । ମୁଁ କେବଳ ଚାହେଁ, କହିବାଟା ଖାପଛଡ଼ାଭାବେ ନହେଉ, ବିଶୃଙ୍ଖଳିତ ଭାବେ ନହେଉ, ସର୍ବାତ୍ମକ ସ୍ୱାର୍ଥବୋଧରୁ ସମାଲୋଚନା ଓ ଆତ୍ମସମାଲୋଚନାର ଯେଉଁ ରୀତି–ନୀତି ନିର୍ଦ୍ଧାରଣ ହୋଇଛି, ତାହାକୁ ଲଂଘନ କରି ନହେଉ । ତାହେଲେ ହିଁ ମୁଁ ଖୁସୀ ହେବି । ବରଂ ଭୟ ପାଇ ନକହିଲେ ମୁଁ ଅଖୁସୀ ହେବି । ମୁଁ ଚାହେଁ ପାର୍ଟିର ସମସ୍ତ କର୍ମକର୍ତ୍ତା ଏବଂ ନେତାମାନେ ଯେମିତି ତାହା ମନେକରନ୍ତି । ସବୁ ସମୟରେ ସମସ୍ତେ ସଠିକ୍‌ଭାବେ ସମସ୍ତ ସମସ୍ୟାକୁ ଟ୍ୟାକେଲ୍ କରି ପାରିବେ କି ନାହିଁ ତା' ସ୍ୱତନ୍ତ୍ର କଥା । ମାତ୍ର ଚିନ୍ତାଗତ କ୍ଷେତ୍ରରେ ମୋର ଏହି କଥାର ବିରୋଧିତା କେହି କରିପାରିବେ ନାହିଁ । ସୁତରାଂ, ଜଣେ କମ୍ରେଡ୍ ବା ଜଣେ ନେତା ଏଭଳି କିଛି ଆଚରଣ କରିଛନ୍ତି ଯାହା ପାର୍ଟି principle (ନୀତି) ସହିତ ସାମଞ୍ଜସ୍ୟ ହୋଇ ନାହିଁ ବୋଲି ତୁମର ମନେହେଉଛି । ପ୍ରଥମତଃ ଏହି ମନେହେବାଟା ସଠିକ୍ କି ନୁହେଁ, ତା' ମନେହେବା ସଙ୍ଗେ ସଙ୍ଗେ ପାର୍ଟି ସହିତ ମତ ବିନିମୟ କିରି ପ୍ରଥମେ ଜାଣି ନେବାକୁ ହୁଏ । କାହାରି ସମ୍ପର୍କରେ ପ୍ରଶ୍ନ ଉଠିଲେ ପ୍ରଥମେ ତାଙ୍କ ସହିତ ହିଁ ମୁଁ କଥା ହୁଏ । ବୁଝିବା ପାଇଁ ଚେଷ୍ଟା କରେ, ମୁଁ ଭୁଲ କି ନୁହେଁ । କାରଣ ମୋର ମନେହେବାଟା ସବୁ ସମୟରେ ସଠିକ୍ ନହୋଇ ବି ପାରେ, ପୁଣି ଠିକ୍ ବି ହୋଇପାରେ, ଏପରିକି ଯାହା ଆଖିରେ ଦେଖିଲି, ତା'ମଧ୍ୟ ସବୁ ସମୟରେ ସତ୍ୟ ହୁଏ ନାହିଁ । ତୁମେ ଯଦି ବିଜ୍ଞାନର କଥା ବୁଝିଥାଅ, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ କିଛି ମାତ୍ରାରେ ବୁଝିଥାଅ, ତା'ହେଲେ ତୁମର ମନେହେବା ଏବଂ ଦେଖିବା ମଧ୍ୟରେ ବି ଅନେକ ଫାଙ୍କି ଥାଏ । ସେଥିପାଇଁ ତା' ପ୍ରଥମେ ବୁଝିନେବାକୁ ହେବ । ଜଣେ ବିପ୍ଳବୀର ପ୍ରକୃତ ମନ ହେଉଛି, ମୋ ଭିତରେ ଯେତେବେଳେ ଷ୍ଟ୍ରାଇକ୍ କଲା, ଷ୍ଟ୍ରାଇକ୍ କରିବାଟା ଅନ୍ୟାୟ ନୁହେଁ, କିନ୍ତୁ କିଛି ଧାରଣା ପୋଷଣ କରିବା ପୂର୍ବରୁ ମୁଁ ପ୍ରଥମେ ବୁଝିନେବି, ମୁଁ ଯାହା ଦେଖିଲି ଏବଂ ମୁଁ ଯାହା ଭାବିଲି, ବିଷୟଟି ଯଥାର୍ଥରେ ଏହିଭଳି କି ନୁହେଁ । ଏଭଳି ବି କିଛି ତ ହୋଇପାରେ ଯାହା ପୂର୍ବରୁ ମୁଁ ଚିନ୍ତା କରିନି, ଭାବିନି,ଶୁଣିନି ବା ଜାଣିନି । ବର୍ତ୍ତମାନ ଜାଣିବା ପରେ, ଶୁଣିବା ପରେ ଯଦି ଦେଖେ ଯେ ମୁଁ ଯାହା ଭାବିଥିଲି ତାହା ହିଁ ଠିକ୍, ମୁଁ ତତ୍‌କ୍ଷଣାତ୍ ତା' କହିବି । ମାତ୍ର ମୁଁ ଯେଉଁ ପଏଣ୍ଟଟି ଆପଣମାନଙ୍କୁ କହିଥିଲି, ଯାହା ମୋତେ ମନେରଖିବାକୁ ହେବ, ତା'ହେଲା, ଯଦି ମୁଁ ନିଶ୍ଚିତ ହୁଏ ଯେ, ମୁଁ ଯା' ଭାବିଥିଲି ତା' ହିଁ ଘଟିଛି, ତେବେ ମୁଁ ତା' ଉଠାଇବି, ଫାଇଟ୍ କରିବି । କିନ୍ତୁ ମୁଁ ଏଭଳି ଭାବିବି ନାହିଁ, ଏଭଳି ଏକ idea reflect (ଭାବନା ପ୍ରତିଫଳିତ) କରିବି ନାହିଁ ଯେ, ଯେତେବେଳେ ଏପ୍ରକାର ଘଟୁଛି, ତା'ହେଲେ କଣ ହେବ ? ଏହା ମୋର ଅଜ୍ଞତାକୁ ପ୍ରତିଫଳିତ କରେ । କ'ଣ ସେହି ଅଜ୍ଞତା ? ତା' ହେଲା, ମୁଁ ମନେକରେ ବିପ୍ଳବୀ ଆନ୍ଦୋଳନରେ କୌଣସି ଝଞ୍ଜଟ, କୌଣସି ସମସ୍ୟା, କୌଣସି କ୍ଷେତ୍ରରେ କୌଣସି ପ୍ରକାର କେଉଁଠି ବି କିଛି ଅନ୍ୟାୟ ନାହିଁ ।

## ଏକଦା ନେତାଜୀଙ୍କର ....

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଯେଉଁମାନେ ସମସ୍ତ ଦିଗରୁ ନେତାଜୀଙ୍କର ଚରମ ବିରୋଧିତା କରିଥିଲେ, ତାଙ୍କରି ଆଦର୍ଶର ଅନୁଗାମୀମାନେ ଆଜି ନେତାଜୀଙ୍କ ନାମ ବ୍ୟବହାର କରି ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ସାଧନ କରିବାକୁ ଉଦ୍ୟମ କରୁଛନ୍ତି । ଧର୍ମ ବ୍ୟକ୍ତିର ବ୍ୟକ୍ତିଗତ ବିଶ୍ୱାସ ହେଲେ ମଧ୍ୟ ରାଜନୀତି ଓ ରାଷ୍ଟ୍ରନୀତିରୁ ଧର୍ମକୁ ସଂପୂର୍ଣ୍ଣ ପୃଥକ ରଖିବାପାଇଁ ନେତାଜୀ ବାରମ୍ବାର ଗୁରୁତ୍ୱ ସହକାରେ କହିଯାଇଛନ୍ତି ବୋଲି ଡଃ ବାନାର୍ଜୀ କହିଥିଲେ । ଆଜାଦହିନ୍ଦ ବାହିନୀରେ ମଧ୍ୟ ସେ ଏହି ଧର୍ମନିରପେକ୍ଷ ନୀତିର ଚର୍ଚ୍ଚା କରିଯାଇଛନ୍ତି । ଡଃ ବାନାର୍ଜୀ ଦର୍ଶାଇଥିଲେ ଯେ ସଂଗ୍ରାମର ରାସ୍ତାରେ ନେତାଜୀ ହିନ୍ଦୁ ଧର୍ମ ଭିତ୍ତିକ ପୁରୁଣା ଚିନ୍ତାରୁ ଅନେକଟା ଆଗେଇ ଆସିଥିଲେ । ଜୀବନ ସଂପର୍କରେ ଦୃଷ୍ଟିଭଙ୍ଗୀ କ୍ଷେତ୍ରରେ ତାଙ୍କର କ୍ରମାଗତ ଉତ୍ତରଣ ଘଟିଥିଲା । ନେତାଜୀଙ୍କ ଭଳି ମହାନ ଚରିତ୍ରକୁ ଆକର୍ଷିତ କରିପାରିଥିବା ତାଙ୍କ ସ୍ତ୍ରୀ ଏମିଲି ସେଙ୍ଗେଲଙ୍କ ପ୍ରତି ଡଃ ବାନାର୍ଜୀ ଗଭୀର ଶ୍ରଦ୍ଧା ନିବେଦନ କରିଥିଲେ ।




ଡଃ ବାନାର୍ଜୀ ସାମାଜିକ ଆନ୍ଦୋଳନରେ ଦେଶର ଛାତ୍ର ଯୁବକମାନଙ୍କୁ ଆଗେଇ ଆସିବାପାଇଁ ନେତାଜୀଙ୍କର ଆହ୍ୱାନକୁ ତୋଳି ଧରିଥିଲେ । ସେ ଆହୁରି କହିଥିଲେ ଯେ ନେତାଜୀଙ୍କର ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ବର୍ତ୍ତମାନ ସମାଜ ପରିବର୍ତ୍ତନର ସଂଗ୍ରାମରେ ନିଜକୁ ନିୟୋଜିତ କରିବା ଦ୍ୱାରା ହିଁ ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରାଯାଇ ପାରିବ । ସମାଜରେ ଯେଉଁ ସବୁ ଅନ୍ୟାୟ ଅବିଚାର ପ୍ରତିନିୟତ ଦେଖିବାକୁ ମିଳୁଛି, ତା' ବିରୁଦ୍ଧରେ ଦୃଢ ଭାବରେ ଠିଆ ହେବା ହିଁ ହେଉଛି ନେତାଜୀଙ୍କ ପ୍ରତି ଶ୍ରଦ୍ଧାନିବେଦନ ଓ ନିଜକୁ ବଡ ମଣିଷରେ ପରିଣତ କରିବାର ଯଥାର୍ଥ ରାସ୍ତା । ଆଜି ଦିନରେ ମଣିଷର ଶୋଷଣ ମୁକ୍ତି ପାଇଁ ସଠିକ୍ ଆଦର୍ଶର ସନ୍ଧାନ ଓ ତାର ଚର୍ଚ୍ଚା ଉପରେ ଡଃ ବାନାର୍ଜୀ ଗୁରୁତ୍ୱ ଆରୋପ କରିଥିଲେ । ସେ କହିଥିଲେ ଯେ ଦେଶର ସାଧାରଣ ମଣିଷପାଇଁ ଗଭୀର ଓ ନିଷ୍ପଟ ଭଲପାଇବା ହିଁ ହେଉଛି ନେତାଜୀଙ୍କର ଏହି ମହାନ ସଂଗ୍ରାମର ଉତ୍ସ । ବର୍ତ୍ତମାନର ଛାତ୍ର ଯୁବକମାନଙ୍କୁ ସେ ନେତାଜୀଙ୍କର ଏହି ଶିକ୍ଷାକୁ ସ୍ମରଣ କରାଇ ଦେଇଥିଲେ ।

ଆୟୋଜକ କମିଟିର ସର୍ବଭାରତୀୟ ଉପସଭାପତି ବିଶ୍ୱାବସୁ ଦାସ ସଭା ପରିଚାଳନା କରିଥିଲେ ।

***

# ରାଉରକେଲା ୱାର୍କର୍ସ ୟୁନିୟନ ଉଦ୍ୟୋଗରେ ଇସ୍ପାତ୍ ଶ୍ରମିକ କନ୍‌ଭେନ୍‌ସନ୍

ରାଉରକେଲା ଇସ୍ପାତ୍ କାରଖାନାର ଉଭୟ ସ୍ଥାୟୀ ଓ ଠିକା ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଉପରେ ରାଉରକେଲା ୱାର୍କର୍ସ ୟୁନିୟନ ଉଦ୍ୟୋଗରେ ଇସ୍ପାତ ଶ୍ରମିକ କନ୍‌ଭେନ୍‌ସନ୍ ଡିସେମ୍ବର ୧୯ତାରିଖରେ ୟୁନିୟନ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି । ୟୁନିୟନର ସାଧାରଣ ସଂପାଦକ କମ୍ରେଡ୍ ଅଜିତ ନାୟକ ଏହି କନ୍‌ଭେନ୍‌ସନ୍ ସଭାପତିତ୍ୱ କରିଥିଲେ । ଏଆଇୟୁଟିୟୁସିର ସାଧାରଣ ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ ମୁଖ୍ୟବକ୍ତା ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଷ୍ଟିଲ ୱାର୍କର୍ସର ସାଧାରଣ ସଂପାଦକ କମ୍ରେଡ୍ ଅମର ଚୌଧୁରୀ ମୁଖ୍ୟ ଅତିଥି ଭାବରେ ଏହି କନ୍‌ଭେନ୍‌ସନ୍‌ରେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥି ଦେଶର ଇସ୍ପାତ ଶିଳ୍ପରେ କାମ କରୁଥିବା ଶ୍ରମିକ କର୍ମଚାରୀମାନଙ୍କର ସମସ୍ୟା ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଏସବୁର ସମାଧାନ ପାଇଁ ଐକ୍ୟବଦ୍ଧ ଆନ୍ଦୋଳନ ଉପରେ ଗୁରୁତ୍ୱ ଦେଇଥିଲେ । ସେଲ କର୍ମଚାରୀମାନଙ୍କର ୩୯ମାସର ବକେୟା ପ୍ରଦାନ, ଗ୍ରାଚୁଇଟି ଉପରେ ସିଲିଂ ପ୍ରତ୍ୟାହାର, ମାସିକ ରିଟାୟାର୍ଡ ପେନସନ୍ ବୃଦ୍ଧି କରିବା, ରାଉରକେଲା ସୁପର ସ୍ପେସାଲିଷ୍ଟ ହାସପାତାଳକୁ ସରକାରୀ ପରିଚାଳନାଧିନ କରି ରୋଗୀଙ୍କୁ ଉପଯୁକ୍ତ ସେବା ଯୋଗାଇବା, ଖାଲି ପଡିଥିବା ପଦବୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ ଓ ଅନ୍ୟାନ୍ୟ ଦାବିରେ ଏହି କନ୍‌ଭେନ୍‌ସନ ଅନୁଷ୍ଠିତ ହୋଇଥିଲା । ୟୁନିୟନର ସହ ସଂପାଦକ କମ୍ରେଡ୍ ଧୋବେଇ ବେହେରା ପ୍ରସ୍ତାବ ଆଗତ କରିଥିଲେ । କନ୍‌ଭେନ୍‌ସନ୍‌ରେ କମ୍ରେଡ୍ ଆଲୋକ ବେହେରା, ଦିବାକର ପାଣିଗ୍ରାହୀ, ସୁବାସ ଦଣ୍ଡପାଟ, ସେଖ୍ ଇସ୍‌ଲାମ୍, ବାଇଧର ପ୍ରଧାନ, ଶେଖ୍ ଲିୟାକୁଦ୍ଦିନ୍, ପରମେଶ୍ୱର ଓରାମ, ବିରେନ ନାୟକ ପ୍ରମୁଖ ଇସ୍ପାତ ଶ୍ରମିକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ମେକଇନ୍ ଓଡିଶା କନ୍‌କ୍ଲେଭ - ପ୍ରଚାର ଓ ବାସ୍ତବତା

୨୦୨୨ ମସିହା ନଭେମ୍ବର ୩୦ରୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱରଠାରେ ମେକଇନ୍ ଓଡିଶା କନ୍‌କ୍ଲେଭ ଆୟୋଜିତ ହୋଇଛି । ଏହାଥିଲା ଓଡିଶା ସରକାରଙ୍କ ଉଦ୍ୟମରେ ଏହି ଧରଣର ତୃତୀୟ ସମାରୋହ । ଉଦ୍ଦେଶ୍ୟ ହେଉଛି ଓଡିଶାରେ ପୁଞ୍ଜି ବିନିଯୋଗ କରିବାପାଇଁ ଦେଶୀ ବିଦେଶୀ ପୁଞ୍ଜିପତିମାନଙ୍କୁ ଆକର୍ଷିତ କରିବା ।

ଓଡିଶାର ଖଣି, ପାଣି, ଜଙ୍ଗଲ ଓ ମାନବ ସମ୍ବଳକୁ ବ୍ୟବହାର କରି ଏଠାରେ ଶିଳ୍ପ ପ୍ରତିଷ୍ଠା କଲେ ସରକାର ପୁଞ୍ଜିପତିମାନଙ୍କୁ ଅନ୍ୟରାଜ୍ୟ ତୁଳନାରେ ବିଭିନ୍ନ କ୍ଷେତ୍ରରେ କି ଧରଣର ଅଧିକ ସୁବିଧା ସୁଯୋଗ ଓ ରିହାତି ଦେବେ ତାର ତାଲିକା ଉପସ୍ଥାପନ କରିବା । ଦେଶୀ ବିଦେଶୀ ପୁଞ୍ଜିପତି ମାନଙ୍କୁ ନାନା ଧରଣର ସୁବିଧା ସୁଯୋଗ ଓ ରହାତି ଦେଇ ଓଡିଶାକୁ ପୂର୍ବ ଭାରତର ଶିଳ୍ପ କେନ୍ଦ୍ର ଭାବରେ ବିକଶିତ କରିବା ସରକାରଙ୍କର ଲକ୍ଷ୍ୟ ବୋଲି ମୁଖମନ୍ତ୍ରୀ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଛନ୍ତି ଯେ ଦେଶୀ ବିଦେଶ ଏକଚାଟିଆ ପୁଞ୍ଜିପତିମାନଙ୍କୁ ହାତ ଖୋଲା ସହାୟତା ଦେଇ ରାଜ୍ୟର ସାମଗ୍ରିକ ସାମାଜିକ ଓ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବାପାଇଁ ସରକାର ଉଦ୍ୟମ କରୁଛନ୍ତି । ଜାପାନ, ଜର୍ମାନୀ ନରୱେ, ନେପାଳ, ବଙ୍ଗଳାଦେଶ,ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ଇସ୍ରାଏଲ, ଚାଇନା ଓ ସିଙ୍ଗାପୁରର ଶିଳ୍ପପତିମାନଙ୍କ ସମେତ ଜିନ୍ଦଲ, ମିତ୍ତଲ, ଅନୀଲ ଅଗ୍ରୱାଲ୍, ବେଦାନ୍ତ, ବିରଳା, ଟାଟା ଷ୍ଟିଲ୍ ଓ ଆଦାନୀ ଭଳି ଦେଶର ବହୁଜାତୀୟ ଏକଚାଟିଆ ପୁଞ୍ଜିପତିମାନେ ରାଜ୍ୟ ସରକାରଙ୍କ ନିମନ୍ତ୍ରଣ କ୍ରମେ ଓଡିଶା ଆସିବା ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ସରକାର ଦାବି କରିଛନ୍ତି । ଏହି ସମାରୋହ ରାଜ୍ୟକୁ ୭୨୬ ହଜାର କୋଟି ଟଙ୍କାର ବିନିଯୋଗ ଆକର୍ଷିତ କରିବ ଏବଂ ଏହାଫଳରେ ୩ଲକ୍ଷ ୨୦ ହଜାର ଲୋକ ନିଯୁକ୍ତି ପାଇବେ ବୋଲି ସମାରୋହ ଶେଷ ଦିନରେ ସରକାର ଘୋଷଣା କରିଛନ୍ତି । ରାଜ୍ୟକୁ ପୁଞ୍ଜି ଆକର୍ଷିତ କରିବାର ଘୋଷିତ ଲକ୍ଷ୍ୟରେ ଏହି ଧରଣର କନ୍‌ଭେନ୍‌ସନ୍‌କୁ ବାଦ ଦେଲେ ମଧ ଅଳ୍ପ କିଛି ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପଦସ୍ଥ ଅମଲାମାନଙ୍କର ଏକ ଦଳ ମୁମ୍ବାଇ ଓ ଆବୁଧାବି ଗସ୍ତ କରିଥିଲା । ବିଜେଡି ସରକାର ରାଜ୍ୟରେ ୨୦୦୦ ମସିହାରେ କ୍ଷମତାସୀନ ହେବାପରେ ମଝିରେ ମଝିରେ ରାଜ୍ୟରେ ଓ ରାଜ୍ୟ ବାହାରେ ଏହି ଧରଣର କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି ଧରଣର ଆୟୋଜନ ପାଇଁ ସରକାର ଜନସାଧାରଣଙ୍କ ଟିକସ ଅର୍ଥରୁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ।

ଅନ୍ୟ ଆଲୋଚନାରେ ପ୍ରବେଶ କରିବା ପୂର୍ବରୁ ତୃତୀୟ ମେକ୍‌ଇନ୍‌ରେ ଓଡିଶା କନ୍‌କ୍ଲେଭରେ ଦେଶୀ ବିଦେଶୀ ପୁଞ୍ଜିପତିମାନଙ୍କୁ ରାଜ୍ୟ ସରକାର କି ଧରଣର ସୁବିଧା ସୁଯୋଗ ଓ ରିହାତି ଦେବାକୁ ଘୋଷଣା କରିଛନ୍ତି ତା' ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ବୋଲି ଆମେ ମନେ କରୁଛୁ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଏହି କନ୍‌କ୍ଲେଭ୍‌ର ଠିକ୍ ପୂର୍ବରୁ ରାଜ୍ୟ ସରକାର ନୂଆ ଶିଳ୍ପନୀତି ଘୋଷଣା କରିଛନ୍ତି । ଏହି ନୂଆ ଶିଳ୍ପନୀତି ଅନୁଯାୟୀ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ସମସ୍ତ ପ୍ରକ୍ରିୟାକୁ ପୂର୍ବପେକ୍ଷା ଆହୁରି ସରଳ କରିବେ ଏବଂ ବିନା ପ୍ରତିବନ୍ଧକରେ ବିଭିନ୍ନ ପ୍ରକଳ୍ପକୁ ତୁରନ୍ତ ମଞ୍ଜୁର କରାଯିବ । ଏହା ବ୍ୟତୀତ ରାଜ୍ୟରେ ଶିଳ୍ପ ଭିତ୍ତିଭୂମି ବିକାଶ ପାଇଁ ଘରୋଇ କମ୍ପାନୀମାନଙ୍କୁ ସରକାରୀ ତହବିଲରୁ ଆର୍ଥିକ ସହାୟତା ଦିଆଯିବ । ଏହି ଭିତ୍ତିଭୂମିକୁ ଘରୋଇ କମ୍ପାନୀମାନଙ୍କୁ ଶିଳ୍ପ ପ୍ରତିଷ୍ଠାପାଇଁ ହସ୍ତାନ୍ତର କରାଯିବ । କେବଳ ଏତିକି ନୁହେଁ; ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ୱଳ୍ପ ମୂଲ୍ୟରେ, ଆବଶ୍ୟକ ହେଲେ ବିନା ମୂଲ୍ୟରେ କମ୍ପାନୀମାନଙ୍କୁ ଆବଶ୍ୟକ ଜମି ଦିଆଯିବ । ଏହି ଜମି କିଣିବା ପାଇଁ କମ୍ପାନୀମାନଙ୍କୁ କୌଣସି ରେଜିଷ୍ଟ୍ରେସନ ଦେୟ କିମ୍ବା ଜମିର କିସମ ପରିବର୍ତ୍ତନ ପାଇଁ କୌଣସି ଦେୟ ଦେବାକୁ ହେବ ନାହିଁ । କମ୍ପାନୀମାନଙ୍କୁ ୭ରୁ ୧୦ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ସଂପୂର୍ଣ୍ଣ ଛାଡ କରାଯିବ, କାରଖାନା ଏବଂ ଯନ୍ତ୍ରପାତି ଉପରେ ସବ୍‌ସିଡି ଦିଆଯିବ । ଶିଳ୍ପ ପାଇଁ ବିନାମୂଲ୍ୟରେ ଜଳ ଯୋଗାଇ ଦିଆଯିବ ଏବଂ କରାଖାନା ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚରେ ଆବଶ୍ୟକ ପରିମାଣର ଜଳ ପରିବହନ କରାଯିବ । ଏହି କମ୍ପାନୀମାନଙ୍କଠାରୁ ଆଦାୟ ହେଉଥିବା ଜିଏସ୍‌ଟିର ରାଜ୍ୟ ଅଂଶଟିକୁ ସଂପୃକ୍ତ କମ୍ପାନୀକୁ ଫେରାଇ ଦିଆଯିବ । ରପ୍ତାନୀ ଭିତ୍ତିକ ଶିଳ୍ପପାଇଁ ଆହୁରି ଅଧିକ ସୁବିଧା ଦିଆଯିବ । ଏସବୁ ବ୍ୟତୀତ ବିଶେଷ ଧରଣର ଶିଳ୍ପ କରିଡର ଓ ଶିଳ୍ପ ପାର୍କ ପ୍ରତିଷ୍ଠା କରାଯିବ । ଏସବୁ ବ୍ୟତୀତ ବହୁ ଥାକିଆ ଉନ୍ନତମାନର ରାସ୍ତା(Express Way) ପ୍ରତିଷ୍ଠା କରିବା, ରେଳ ଯୋଗାଯୋଗର ଆବଶ୍ୟକ ବିକାଶ, ବିମାନ ବନ୍ଦର ଓ ବନ୍ଦରର ବିକାଶ ପାଇଁ ସରକାର ବିପୁଳ ଅର୍ଥ ଖର୍ଚ୍ଚ କରିବେ ବୋଲି ମଧ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଭିତ୍ତିଭୂମିର ବିକାଶ ଓ ଶିଳ୍ପ ପ୍ରତିଷ୍ଠାପାଇଁ ସରକାର ୧,୨୫,୦୦୦ ଏକର ଜିମି ସବୁ ଦିଗରୁ ପ୍ରସ୍ତୁତ କରି ଜମି ବ୍ୟାଙ୍କ(Land Bank)ରେ ରଖିଛନ୍ତି ବୋଲି ମଧ ସରକାର ଘୋଷଣା କରିଛନ୍ତି ।

ଏଠାରେ ସୂଚନାଯୋଗ୍ୟ କେବଳ ଓଡିଶା ନୁହେଁ, ଦେଶର ପ୍ରାୟ ସମସ୍ତ ରାଜ୍ୟ ସରକାର ନିଜ ନିଜ ରାଜ୍ୟକୁ ଦେଶୀ ବିଦେଶୀ ପୁଞ୍ଜି ଆକର୍ଷିତ କରିବା ପାଇଁ ଏହି ଧରଣର କନ୍‌କ୍ଲେଭ ଆୟୋଜନ କରୁଛନ୍ତି । କେନ୍ଦ୍ର ସରକାର ମଧ୍ୟ ବିଦେଶୀ ପୁଞ୍ଜି ଆକର୍ଷିତ କରିବାପାଇଁ ଏହି ଧରଣର କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି । ସମସ୍ତଙ୍କର ଗୋଟିଏ ସ୍ଲୋଗାନ୍ - ପୁଞ୍ଜି ବିନିଯୋଗ ହେଲେ ଶିଳ୍ପାୟନ ହେବ, ଶିଳ୍ପାୟନ ହେଲେ ଦେଶ ବା ସଂପୃକ୍ତ ରାଜ୍ୟର ବିକାଶ ହେବ ଏବଂ ବେକାର ଯୁବକ ଯୁବତୀମାନଙ୍କ ପାଇଁ କର୍ମ ନିଯୁକ୍ତିର ଦ୍ୱାର ଖୋଲିଯିବ । ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଶିଳ୍ପପତି-ପୁଞ୍ଜିପତିମାନଙ୍କୁ ନାନା ଧରଣର ସୁବିଧା ସୁଯୋଗ ଦେବାପାଇଁ ପରସ୍ପର ମଧରେ ପ୍ରତିଯୋଗିତା କରୁଛନ୍ତି । ବିନା ମୂଲ୍ୟରେ ଖଣି, ଜମି, ଜଙ୍ଗଲ, ବିଜୁଳି ଶକ୍ତି, ସରକାରୀ ବ୍ୟୟରେ ନିର୍ମିତ ଭିତ୍ତିଭୂମି ପୁଞ୍ଜିପତିମାନଙ୍କ ହାତକୁ ଟେକି ଦେଉଛନ୍ତି । ଏଥିପାଇଁ ହିଁ ପୂର୍ବତନ କଂଗ୍ରେସ ସରକାର ବିଶେଷ ଅର୍ଥନୈତିକ ଅଂଚଳ ବା ସେଜ୍(SEZ) ନୀତି ପ୍ରଣୟନ କରିଥିଲା । ସେଜ ମାନଙ୍କରେ ଦେଶରେ ଶ୍ରମ ଆଇନ କାର୍ଯ୍ୟକାରୀ ହେବ ନାହିଁ ବୋଲି ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଏତେପ୍ରକାର କସରତ୍ ଓ ସୁବିଧା ସୁଯୋଗ ଦେଲେ ମଧ ନା ପୁଞ୍ଜି ଆସୁଛି ନା ଶିଳ୍ପାୟନ ହେଉଛି ନା ନିଯୁକ୍ତି ସୁଯୋଗ ବୃଦ୍ଧି ପାଉଛି । ମାମୁଲି ନିଯୁକ୍ତି ସୁଯୋଗ ଥିବା ପୁଞ୍ଜି ଭିତ୍ତିକ ଗୋଟିଏ କରାଖାନା ଖୋଲିଲେ ତାର ଦଶଗୁଣ ଶ୍ରମ ଭିତ୍ତିକ ବା ନିଯୁକ୍ତି ସୁଯୋଗ ଥିବା ପୁରୁଣା କରଖାନା ବନ୍ଦ ହେଉଛି । ଚାହିଦା ଅଭାବରୁ କାରଖାନା ପୂର୍ଣ୍ଣ ଉତ୍ପାଦନ କ୍ଷମତାରେ ଉତ୍ପାଦନ କରିପାରୁନାହିଁ । ତାଲାବନ୍ଦ, ଛଟେଇ ବଢିଚାଲିଛି । ସମସ୍ତ ଶ୍ରମ ଆଇନକୁ ବାତିଲକରି ଶ୍ରମକୋର୍ଡ ଲାଗୁ କରିବା ଫଳରେ ଶ୍ରମିକ ଶୋଷଣ ଭୟାବହ ରୂପ ଧାରଣ କରିଛି । କର୍ମଚ୍ୟୁତ ଶ୍ରମିକ ହାହାକାର କରୁଛି । ବେକାରୀ ଅତୀତର ସମସ୍ତ ରେକର୍ଡ ଭାଙ୍ଗିଛି । ଦେଶର ମୁଷ୍ଟିମେୟ ଏକଚାଟିଆ ପୁଞ୍ଜିପତିଙ୍କର ସଂପତ୍ତି ଦ୍ରୁତ ବଢି ବଢି ଚାଲିଛି । ଧନୀ ଦରିଦ୍ର ମଧରେ ଅକାଶ ପାତାଳ ଫରକ୍, ଦେଶର ନବେ ଭାଗ ଲୋକଙ୍କର ହାହାକାରମୟ ଅବସ୍ଥା । ଢୋକେ ପିଇ ଦଣ୍ଡେ ଜିଇଁବା ସେମାନଙ୍କର ପାଇଁ ଅସମ୍ଭବ ହୋଇ ପଡିଛି । ସଂଖ୍ୟା ଗରିଷ୍ଠ ଜନସାଧାରଣଙ୍କର ଆର୍ଥିକ ଦୁରାବସ୍ଥା ଯୋଗୁ ମାରାତ୍ମକ ବଜାର ସଂକଟ ଦେଖାଦେଇଛି, ବଜାର ସଂକଟ ଅର୍ଥାତ୍ ବଜାରରେ କ୍ରେତାର ଅଭାବ । ବେକାରୀ, ଛଟେଇ, ଆର୍ଥିକ ଦୁରାବସ୍ଥା ପାଇଁ ସାଧାରଣ ଲୋକ ଅତ୍ୟାବଶ୍ୟକ ସାମଗ୍ରୀ ମଧ ଖରିଦ କରିପାରୁ ନାହିଁ । ବଜାରରେ ଚାହିଦା ଅଭାବରୁ କାରଖାନା ଉତ୍ପାଦନ ହ୍ରାସ କରିବାକୁ ବାଧ୍ୟ ହେଉଛି, ତାଲାବନ୍ଦ ଛଟେଇ ହେଉଛି । ପୁଣି ଏହାର ପ୍ରଭାବରେ ସାଧାରଣ ଲୋକଙ୍କ କ୍ରୟ କ୍ଷମତା ଆହୁରି ହ୍ରାସ ପାଉଛି । ବଜାର ସଙ୍କଟ ଆହୁରି ତୀବ୍ର ହେଉଛି । ଏହା ହିଁ ହେଉଛି ଦେଶରେ ପ୍ରତିଷ୍ଠିତ ପୁଞ୍ଜିବାଦୀ ବ୍ୟବସ୍ଥାର ଅସୀମାଂସନୀୟ ସଂକଟର ଚିତ୍ର । ବଜାର ସଂକଟ ସମଗ୍ର ପୁଞ୍ଜିବାଦୀ ଦୁନିଆକୁ ଗଭୀର ମାନ୍ଦାବସ୍ଥାରେ ନିମଗ୍ନ କରିଛି । ଶିଳ୍ପକ୍ଷେତ୍ରରେ ବିନିଯୋଗର ସୁଯୋଗ ନଥିବାରୁ ପୁଞ୍ଜିଅଳସ ହେଉଛି । ଏହି ଅଳସ ପୁଞ୍ଜି ଶିଳ୍ପ କ୍ଷେତ୍ରକୁ ଛାଡି ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସେବା କ୍ଷେତ୍ରରେ ବିନିଯୋଗ ହେଉଛି । ବଜାର ସନ୍ଧାନରେ ପୁଞ୍ଜି ବିଶ୍ୱବ୍ୟାପୀ ଛୁଟୁଛି । ପୁଞ୍ଜି ଆଜି ସୁଧଖୋରୀ ପୁଞ୍ଜିରେ ପରିଣତ ହୋଇଛି । ଏହାର ଅବଶ୍ୟମ୍ଭାବୀ ପରିଣତିରେ ସାଧାରଣ ମଣିଷର ଅବସ୍ଥା ଦୁର୍ବିସହ । ଏଓଳି ସେଓଳି ସଂକଟରେ ବହୁ ପୂର୍ବରୁ ପ୍ରବେଶ କରିଥିବା ବିଶ୍ୱ ପୁଞ୍ଜିବାଦୀ ବ୍ୟବସ୍ଥା ତିଷ୍ଠି ରହିବା ପର୍ଯ୍ୟନ୍ତ ସାଧାରଣ ମଣିଷର ଅବସ୍ଥା ବିତୁଥିବା ପ୍ରତ୍ୟେକ ଦିନରେ ଅଧିକରୁ ଅଧିକ ଦୁର୍ବିସହ ହେବାକୁ ବାଧ୍ୟ । ବେକାରୀ, ଦରବୃଦ୍ଧି, ସାମାଜିକ ବିଘଟନ, ସାଂସ୍କୃତିକ ନୈତିକ ମୂଲ୍ୟବୋଧର ଅବକ୍ଷୟ ଓ ଧନୀ ଦରିଦ୍ର ମଧ ପାର୍ଥକ୍ୟ ଦିନକୁ ଦିନ ବଢଚାଲିବାକୁ ବାଧ୍ୟ । ପୁଞ୍ଜିବାଦର ଧ୍ୱଂସ ବ୍ୟତିରେକେ ସାଧାରଣ ମଣିଷ ଜୀବନରେ ସୁଦିନ ଆସିବା ଅସମ୍ଭବ । ଏହାହିଁ ଇତିହାସ ଓ ସମାଜ ବିକାଶର ଅମୋଘ ନିୟମ ।

ଏହିଭଳି ପରିସ୍ଥିତିରେ ରାଜ୍ୟ ସରକାର ରାଜ୍ୟକୁ ପୁଞ୍ଜି ଆକର୍ଷିତ କରିବା ଆଳରେ ଗୋଟିଏ ପଟରେ ଦେଶୀବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କୁ ଲଗାମ ଛଡା କର ଟିକସ ଓ ଅନ୍ୟାନ୍ୟ ଛାଡ ଦେଉଛନ୍ତି ଓ ଅନ୍ୟ ଦିଗରେ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ସାଧାରଣ ମଣିଷକୁ ସେମାନଙ୍କର ଭିଟାମାଟିରୁ ଉଚ୍ଛେଦ କରିବାପାଇଁ ରାଷ୍ଟ୍ରଶକ୍ତିକୁ ନଗ୍ନ ଭାବରେ କାମରେ ଲଗାଉଛନ୍ତି । ବହୁଫସଲୀ ଚାଷ ଜମିରୁ ଚାଷୀଙ୍କୁ ବଳପୂର୍ବକ ବେଦଖଲ କରାଯାଉଛି । ପାରମ୍ପରିକ ଜଙ୍ଗଲ ଅଧିବାସୀ ଆଦିବାସୀମାନଙ୍କୁ ଜଙ୍ଗଲରୁ ଉଚ୍ଛେଦ କରାଯାଉଛି । ଏଥିପାଇଁ ଜଙ୍ଗଲ ଅଧିକାର ଆଇନ-୨୦୦୬କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଅକାମୀ କରାଯାଇଛି । ମୂଲ୍ୟବାନ ଖଣଜ ସଂପଦ ଶାଗ ମାଛ ଦରରେ ଏକଚାଟିଆ ପୁଞ୍ଜିପତିମାନଙ୍କ ହାତରେ ଟେକି ଦିଆଯାଉଛି । ଏଥିପାଇଁ ଜନଶୁଣାଣି ଓ ଗ୍ରାମସଭାର ଅନୁମୋଦନକୁ ପ୍ରଶାସନ ଓ ପୁଲିସକୁ ବ୍ୟବହାର କରି ପ୍ରହସନରେ ପରିଣତ କରାଯାଇଛି । କଳିଙ୍ଗ ନଗରରେ ୧୪ ଜଣ ଆଦିବାସୀଙ୍କୁ ଗୁଳିକରି ହତ୍ୟା କରାଯାଇଛି । ଢିଙ୍କିଆରେ ଆଜିବି ସାଧାରଣ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚାଲିଛି । ବହୁ ନିରିହ ଲୋକ ଜେଲ୍‌ରେ । ସମଗ୍ର ଅଂଚଳରେ ପୁଲିସ୍‌ର ଆତଙ୍କ । ଖଣିଜ ସମ୍ପଦକୁ କମ୍ପାନୀ ହାତରେ ଟେକି ଦେବାର ଉଦ୍ୟମକୁ ପ୍ରତିରୋଧ କରୁଥିବା ଆଦିବାସୀମାନଙ୍କୁ ନକ୍ସାଲ ଘୋଷଣା କରି ମିଛ ଏନ୍‌କାଉ ରରେ ହତ୍ୟା କରାଯାଉଛି । ମିଛ ମାମଲାରେ ନିରିହ ଲୋକଙ୍କୁ ବର୍ଷ ପରେ ବର୍ଷ ଜେଲରେ ରଖାଯାଉଛି । କମ୍ପାନୀ ସ୍ୱାର୍ଥ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଖୋଲା ଖୋଲି ଭାବରେ ଗଣହତ୍ୟା କରିବାପାଇଁ ମଧ ପଶ୍ଚଦପଦ୍ ନୁହେଁ । ଏକ ଚାଟିଆ ପୁଞ୍ଜିପତିମାନେ ଶିଳ୍ପ ପ୍ରତିଷ୍ଠା ଆଳରେ ବ୍ୟାପକ ଜଙ୍ଗଲ କ୍ଷୟ ଓ ସର୍ବୋଚ୍ଚ ମୁନାଫା ପାଇଁ ପ୍ରାକୃତିକ ସଂପଦର ଲୁଣ୍ଠନ କରିବା ଓ ଖଣି ଖୋଳିବା ଫଳରେ ନଦୀ, ଝରଣା ଶୁଖି ଯାଉଛି । ନଦୀ ଜଳ, ଏପରିକି ଭୂତଳ ଜଳ ପ୍ରଦୂଷିତ ହୋଇ ବ୍ୟବହାର ଉପଯୋଗୀ ହୋଇ ରହି ନାହିଁ । ରାଜ୍ୟରେ ଜଳ ସଂକଟ ଉତ୍କଟ ହୋଇଛି । ପୁଞ୍ଜିପତିମାନଙ୍କ ମୁନାଫାପାଇଁ ଆଜି ପବନ ମଧ ପ୍ରଦୂଷିତ । ପରିବେଶ ପ୍ରଦୂଷଣ ସାଧାରଣ ମଣିଷର ଜୀବନକୁ ଦୁର୍ବିସହ କରିଛି । ଏସବୁ ସତ୍ତ୍ୱେ ମଧ୍ୟ, ରାଜ୍ୟର ଜନସାଧାରଣଙ୍କର କୌଣସି ମଙ୍ଗଳ ବା ବିକାଶ ଯେ ଘଟୁ ନାହିଁ ତାହା ଦିବାଲୋକ ଭଳି ସ୍ପଷ୍ଟ । ସରକାରଙ୍କର ଏହି ଧରଣର ପଦକ୍ଷେପ ଫଳରେ ଏକଚାଟିଆ ପୁଞ୍ଜିପତିମାନଙ୍କର ମୁନାଫାର ପାହାଡର ଆକାର ବଢି ବଢି ଚାଲିଛି, ସାଧାରଣ ଲୋକ ଅଧିକରୁ ଅଧିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି । ଏକ ଚାଟିଆ ପୁଞ୍ଜିପତିମାନଙ୍କୁ ଆହୁରି ମୁନାଫା ଲୁଟ୍‌ର ସୁଯୋଗ ଦେବାପାଇଁ ସେମାନଙ୍କର ରାଜନୈତିକ ମ୍ୟାନେଜରରେ ପରିଣତ ହୋଇଥିବା କେନ୍ଦ୍ର ଓ ରାଜ୍ୟ ସରକାରମାନେ ତଥାକଥିତ ପୁଞ୍ଜି ଆକର୍ଷିତ କରିବା ପାଇଁ ଏହି ଧରଣର କନ୍‌କ୍ଲେଭ ଆୟୋଜନ କରି ସାଧାରଣ ଲୋକଙ୍କୁ ପ୍ରତାରଣା କରୁଛନ୍ତି । ଏହା ହିଁ ହେଉଛି ରାଜ୍ୟ ସରକାରଙ୍କର ବହୁ ପ୍ରଚାରିତ ମେକ୍ ଇଣ୍ଡିଆ କନ୍‌କ୍ଲେଭ୍ ଓ ତଥା କଥିତ ପୁଞ୍ଜି ଆକର୍ଷଣ ଉଦ୍ୟମର ଅସଲ କଥା । ଏହି ଉଦ୍ୟମକୁ ସମସ୍ତ ଶକ୍ତିଦେଇ ପ୍ରତିହତ କରାଯିବା ଆବଶ୍ୟକ ।

★★★


# ସ୍ୱାଧୀନତା ଆନ୍ଦୋଳନର ମହାନ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୬ତମ ଜନ୍ମ ବାର୍ଷିକୀର ଆହ୍ୱାନ

ଜାନୁଆରୀ ୨୩, ବିପ୍ଳବୀ ମର୍ଯ୍ୟାଦାବୋଧ ଓ ଗଭୀର ହୃଦୟାବେଗରେ ଭାସ୍ୱର ଅନନ୍ୟ ଦେଶନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧ ୨ ୬ତମ ଜନ୍ମ ଜୟନ୍ତୀ । ମୁକ୍ତିକାମୀ ମଣିଷର ବିବେକ ନିକଟରେ ବହୁ ପ୍ରଶ୍ନ ଓ ଆହ୍ୱାନ ଉତ୍‌ଥାପିତ କରି ଏହି ଦିବସଟି ଆସିଛି । ନେତାଜୀଙ୍କର ଏହି ବେଦନାଭରା ଓ ପ୍ରତ୍ୟାଶା "କୋଟି କୋଟି ଭାରତବାସୀଙ୍କ ପକ୍ଷରେ ଠିଆ ହୋଇ ସେମାନଙ୍କ ମୁକ୍ତିର ପ୍ରୟୋଜନରେ ମୁଁ ଜୀବନ ଦେଇଯିବି, ଯଦି ସତ୍ୟର କୌଣସି ମୂଲ୍ୟଥାଏ, ତେବେ ଏ ଦେଶର ମଣିଷ ଦିନେ ମୋର ହୃଦୟର କଥା ବୁଝିବେ ।" ଏହି କଥା ଚିନ୍ତାଶୀଳ, ମୁକ୍ତିକାମୀ ମଣିଷର ଅନ୍ତରକୁ ଆଜି ମଧ୍ୟ ଥରାଇଦିଏ । ସେହି ପ୍ରଶ୍ନ ପୁନଃ ପୁନଃ ମନକୁ ଆନ୍ଦୋଳିତ କରେ । ନେତାଜୀ ତ ଭାରତବାସୀଙ୍କ ମୁକ୍ତିର ପ୍ରୟୋଜନରେ ନିଜକୁ ତିଳ ତିଳ କରି ଉତ୍ସର୍ଗ କରିଗଲେ, କିନ୍ତୁ ତାଙ୍କର ହୃଦୟର ବ୍ୟଥାବେଦନା ପୁଣି ଭବିଷ୍ୟତ ପ୍ରଜନ୍ମ ଉପରେ ଗଭୀର ପ୍ରତ୍ୟାଶାକୁ କେତେ ଜଣ ଉପଲବ୍ଧି କରିପାରିଛନ୍ତି, କେତେଜଣ ତାଙ୍କର ସ୍ୱପ୍ନର ଭାରତ ଗଢିବା ପାଇଁ ବ୍ରତୀ ହୋଇଛନ୍ତି ? ନେତାଜୀ ଜୟନ୍ତୀ ପାଳନ ଏକ ଗତାନୁଗତିକ ପରମ୍ପରାଧର୍ମୀ ମହୋତ୍ସବ ନୁହେଁ, ଏହି ପାଳନ ମଧ୍ୟରେ ରହିଛି ସମାଜ-ସଭ୍ୟତା-ମନୁଷ୍ୟତ୍ୱକୁ ରକ୍ଷା କରିବାର ଏକ ସୁବିଶାଳ କର୍ତ୍ତବ୍ୟବୋଧ, ନେତାଜୀଙ୍କ ସ୍ୱପ୍ନର ଭାରତ ଗଢିବାର ଏକ ସୁମହାନ ସଂକଳ୍ପବୋଧ ।

### ଦରିଦ୍ରର ଦୁଃଖରେ ହୃଦୟ ଥିଲା ତାଙ୍କର ବିଗଳିତ

ନେତାଜୀଥିଲେ ସ୍ୱପ୍ନ ସ୍ରଷ୍ଟା, ପୁଣି ସ୍ୱପ୍ନ ଦ୍ରଷ୍ଟା । ସେ ନିଜେ ଏକ ନୂତନ ଶୋଷଣମୁକ୍ତ ସ୍ୱାଧୀନ ଭାରତବର୍ଷ ଗଢିବାର ସ୍ୱପ୍ନରେ ବିଭୋର ଥିଲେ, ଏବଂ ଲକ୍ଷ ଲକ୍ଷ ତରୁଣମାନଙ୍କୁ ସେହି ସ୍ୱପ୍ନରେ ବିଭୋର କରାଇପାରିଥିଲେ । କୋଟି କୋଟି ଦୁଃଖୀ ମଣିଷର ଅନ୍ତରର ଜ୍ୱାଳା-ଯନ୍ତ୍ରଣାକୁ ଅନୁଭବ କରି ନିଜ ହୃଦୟକୁ ପ୍ରସାରିତ କରିପାରିଥିଲେ । ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସନ ଶୋଷଣରେ ପିଷ୍ଟ ଭାରତର କୋଟି କୋଟି ଶୋଷିତ ପୀଡିତ ବଂଚିତ ମଣିଷର ମୁକ୍ତିପାଇଁ ନିଜ ଜୀବନର ମୂଲ୍ୟବାନ ମୁହୂର୍ତ୍ତଗୁଡିକୁ ଅକାତରେ ଉତ୍ସର୍ଗ କରି ପାରିଥିଲେ । ତ୍ୟାଗ ଓ କଷଣର ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ଜୀବନକୁ କରିପାରିଥିଲେ ମହତ, ସୁନ୍ଦର ଓ ସାର୍ଥକ । ଏକ ସୁଦୀର୍ଘ କଠିନ ଓ କଠୋର ସଂଗ୍ରାମର ପଥରେ ସୁଭାଷ ଚନ୍ଦ୍ର ବୋଷରୁ ହୋଇପାରିଥିଲେ କୋଟି କୋଟି ନିଷ୍ପେଷିତ ମଣିଷର ହୃଦୟର ନେତାଜୀ ।

ବହୁମୁଖୀ ପ୍ରତିଭାର ଅଧିକାରୀ ଏହି ଅନନ୍ୟ ଦେଶନାୟକଙ୍କର ଏକ ଅନବଦ୍ୟ ପୁସ୍ତକ 'ଭାରତ ସଂଗ୍ରାମ' ପଢି ଆୟର୍ଲାଣ୍ଡ ମୁକ୍ତି ଯୁଦ୍ଧର ମହାନାୟକ ପ୍ରେସିଡେଣ୍ଟ ଡି ଭାଲେରା ଏକ ବାର୍ତ୍ତାରେ କହିଥିଲେ, "ମୁଁ ଆଶାବାଦୀ ଯେ, ଭାରତର ଜନଗଣ ଅଦୂର ଭବିଷ୍ୟତରେ ସ୍ୱାଧୀନତା ଓ ସୁଖଶାନ୍ତି ପ୍ରାପ୍ତ ହେବେ ।" ଏହି ପୁସ୍ତକଟି ପଢି ଅଭିଭୂତ ବିଂଶ ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ ମନୀଷୀ ରୋମାଁ ରୋଲାଁ ନେତାଜୀଙ୍କ ପ୍ରତି ପ୍ରଶଂସାରେ ଶତମୁଖ ହୋଇ କହିଥିଲେ, "ଜଣେ ସଦା ତତ୍ପର ସଂଗ୍ରାମୀଙ୍କ ପକ୍ଷରେ ଏତେ ନିରପେକ୍ଷ ଭାବେ ଘଟଣାବଳୀକୁ ପର୍ଯ୍ୟବେକ୍ଷଣ କରି ଏତେ ଚମତ୍କାର କାଳଜୟୀ ଇତିହାସ ସୃଷ୍ଟି କରିବା ଏକ ବିରଳ ଘଟଣା ।" ନେତାଜୀ କୌଣସି ପ୍ରତିଭାକୁ ଜନ୍ମଗତ ଗୁଣଭାବେ କିନ୍ତୁ ଗ୍ରହଣ କରିନଥିଲେ । କହିଥିଲେ- 'ପ୍ରତିଭା ଅସୀମ ଅଧ୍ୟବସାୟ, ଅକ୍ଳାନ୍ତ ଚେଷ୍ଟା, ଶରୀର ଚର୍ଚ୍ଚା ଓ ଅବିରତ ପରିଶ୍ରମର ଫଳ ।' ପୁଣି କୌଣସି ଜଣେ ମହାପୁରୁଷଙ୍କ ଜନ୍ମ ଏକ ଆକସ୍ମିକ ବା ଆଲୌକିକ ଘଟଣା ନୁହେଁ । ସମାଜ ବିକାଶର ଅମୋଘ ନିୟମରେ, ଇତିହାସର ଧାରାବାହିକତାରେ ଏକ ନିର୍ଦ୍ଦିଷ୍ଟ ସଂଗ୍ରାମର ପ୍ରକ୍ରିୟାରେ ହିଁ ମହତ ଚରିତ୍ର ସୃଷ୍ଟି ହୋଇଥାଏ । ୧୮୯୭ ମସିହାରେ ଏକ ଉଚ୍ଚମଧ୍ୟବିତ୍ତ ଶିକ୍ଷିତ ପରିବାରରେ କଟକ ସହରରେ ନେତାଜୀ ଜନ୍ମଗ୍ରହଣ କରିଥିଲେ । ଏହି ମହାନ ସଂଗ୍ରାମୀଙ୍କର ବଳିଷ୍ଠ ଚରିତ୍ରର ମୂଳଦୁଆ ପଡିଥିଲା ରେଭେନ୍ସା କଲିଜିଏଟ୍ ସ୍କୁଲରେ । ପାଶ୍ଚାତ୍ୟ ଆଧୁନିକ ଶିକ୍ଷା ସଂସ୍ପର୍ଶରେ ଆସି ଭାରତର ନବଜାଗରଣ ଆନ୍ଦୋଳନର ଉନ୍ନତ ଚିନ୍ତା ଚେତନା ସହ ସେ ପରିଚିତ ହୋଇଥିଲେ ।



ପରବର୍ତ୍ତୀ ସମୟରେ ନବଜାଗରଣର ଉଜ୍ଜ୍ୱଳ ଜ୍ୟୋତିଷ୍କ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ସେହି ଆହ୍ୱାନ- "ଯିଏ ଯେଉଁ ଦେଶରେ ଜନ୍ମ ଗ୍ରହଣ କରିଥାନ୍ତି, ସେହି ଦେଶର ହିତସାଧନ ନିମନ୍ତେ ସାଧ୍ୟାନୁଯାୟୀ କାର୍ଯ୍ୟ କରିବା ତାଙ୍କର ପରମ କର୍ତ୍ତବ୍ୟ", ତାଙ୍କ ଜୀବନରେ ଜୀବନ୍ତ ଭାବେ ପ୍ରତିଭାତ ହୋଇଥିଲା । ପୁଣି ବିବେକାନନ୍ଦଙ୍କ ସେହି ମର୍ମସ୍ପର୍ଶୀ ଆବେଦନ- "ଦେଶର ଲକ୍ଷ ଲକ୍ଷ ଅନାହାରକ୍ଲିଷ୍ଟ ଦରିଦ୍ର ଜନତାର ଦୁଃଖ ଦୁର୍ଦ୍ଦଶାର କଥା ଚିନ୍ତା କରି କରି ତୁମେ ନିଜର ନାମ, ଯଶ, ସ୍ତ୍ରୀ, ପୁତ୍ର, ଭୋଗବିଳାସ, ବିଷୟ-ସଂପତ୍ତି ଏପରିକି ନିଜର ଶରୀର ପର୍ଯ୍ୟନ୍ତ ଭୁଲିଛ କି ?" ତୁମେ ଏକମାତ୍ର ସେହି ଚିନ୍ତାରେ ବିଭୋର ହୋଇଛ କି ?" ତାଙ୍କର ଅନ୍ତରର ଅନ୍ତସ୍ଥଳୀକୁ ଦୋହଲାଇ ଦେଇଥିଲା । ଅନ୍ୟପଟରେ, ତାଙ୍କର ଜନ୍ମ ବର୍ଷରେ ହିଁ ଅର୍ଥାତ୍ ସେହି ୧୮୯୭ ମସିହାରେ ମହାରାଷ୍ଟ୍ରର ଚାପେକର ଭାତୃ ତ୍ରୟ(ଦାମୋଦର, ବାଳକୃଷ୍ଣ, ବାସୁଦେବ)ଙ୍କ ଫାଶୀ, ସେହି ସମୟରେ ୧୮ବର୍ଷର ଅଗ୍ନିଶିଶୁ ଖୁଦିରାମଙ୍କ ବଳିଦାନ, ବଙ୍ଗ ଭଙ୍ଗ ବିରୋଧୀ ବୀରତ୍ୱପୂର୍ଣ୍ଣ ସଂଗ୍ରାମ - ତାଙ୍କର କିଶୋର ଜୀବନକୁ ମଧ୍ୟ ବିଶେଷଭାବେ ଆନ୍ଦୋଳିତ କରିଥିଲା । ସ୍କୁଲ ଜୀବନରେ ଶ୍ରଦ୍ଧେୟ ଶିକ୍ଷକ ବେଣୀମାଧବ ଦାସଙ୍କ ସସ୍ନେହ ସାନିଧ୍ୟ ତାଙ୍କ ମଧ୍ୟରେ ଏକ ମର୍ଯ୍ୟାଦାକର ଜୀବନର ସ୍ଫୁରଣ ଘଟାଇଥିଲା । ପୁଣି ତାଙ୍କର ସୁରମ୍ୟ ଅଟ୍ଟାଳିକା ତଳେ ଛିନ୍ନ ବସ୍ତ୍ର ପରିହିତା ଜଣେ ଭିକାରୁଣୀ ବୃଦ୍ଧା ତାଙ୍କର ଆହାର, ନିଦ୍ରା ଯେମିତି ହରଣ କରିନେଇଥିଲା । ସେହି ଅସହାୟ ବୃଦ୍ଧା ମା' ମଧ୍ୟରେ ସେ ଦେଖିଥିଲେ ପ୍ରକୃତ ଭାରତର ମର୍ମାନ୍ତିକ ଚିତ୍ର । ତା'ର ପୀଡା, ଯନ୍ତ୍ରଣାକୁ ନିଜ ମଧ୍ୟରେ ଅନୁଭବ କରି ସେ ଆରମ ଅୟସରେ ଜୀବନ ବିତାଇବାକୁ ଘୃଣାବୋଧ କରୁଥିଲେ । ନିଚ୍ଛକ ଅଧ୍ୟୟନକୁ ଜୀବନର ଏକମାତ୍ର ବ୍ରତ ଭାବେ ଗ୍ରହଣ କରି 'ଗ୍ରନ୍ଥ କୀଟ' ହେବାକୁ ସେ ଚାହିଁ ନଥିଲେ । ବ୍ୟଥିତ ପ୍ରାଣରେ ଆକୁଳ ହୋଇ ଖୋଜୁଥିଲେ ମାନବ ମୁକ୍ତିର ପ୍ରକୃତ ପଥ । ମାତ୍ର ୧୫ବର୍ଷ ବୟସରେ ଛାତ୍ରାବସ୍ଥାରେ ମାତା ପ୍ରଭାବତୀ ଦେବୀକୁ ଲେଖିଥିଲେ, 'ପାଠପଢା ଛାତ୍ର ଜୀବନର ପ୍ରଧାନ ଉଦ୍ଦେଶ୍ୟ ନୁହେଁ... ଚରିତ୍ର ଗଠନ ହିଁ ଛାତ୍ରମାନଙ୍କର ପ୍ରଧାନ କର୍ତ୍ତବ୍ୟ ...... ଉନ୍ନତ ଚରିତ୍ର କାର୍ଯ୍ୟରୁ ହିଁ ବୁଝାଯାଏ ...... କାର୍ଯ୍ୟ ହିଁ ଜ୍ଞାନର ପରିଚୟ । ବହିପଢା ବିଦ୍ୟାକୁ ମୁଁ ସର୍ବାନ୍ତକରଣେ ଘୃଣା କରେ । ମୁଁ ଚାହେଁ ଚରିତ୍ର-ଜ୍ଞାନ-କାର୍ଯ୍ୟ ।" ସେ ଭଲଭାବେ ବୁଝିଥିଲେ ଏହି କାର୍ଯ୍ୟ କଣ ? ସେଥିପାଇଁ ସେ ଅନ୍ୟାୟ ଓ ଅସତ୍ୟ ସହିତ ସାଲିସ କରିବାକୁ ସବୁଠାରୁ ଘୃଣ୍ୟ କାର୍ଯ୍ୟ ବୋଲି ଗ୍ରହଣ କରିଥିଲେ ଓ ସାରା ଜୀବନ ଯେଉଁ ପଥକୁ ସତ୍ୟ ବୋଲି ବୁଝିଥିଲେ ସେହି ପଥରେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅବିଚଳ ଥିଲେ ଓ ବହୁ ମଣିଷକୁ ଏହି ପଥର ପଥିକ କରାଇପାରିଥିଲେ । ପୁଣି ସେହି ତରୁଣ ବୟସରେ ଜୀବନର ଲକ୍ଷ୍ୟ ସ୍ଥିର କରିବାର ଦ୍ୱନ୍ଦ ବେଳେ ମା'ଙ୍କୁ ଚିଠି ଲେଖି ପଚାରିଛନ୍ତି । 'ମା, ଜଜ ବାରିଷ୍ଟର ବା ଅନ୍ୟକୌଣସି ହାକିମ ଗଦିରେ ବସିଲେ, ଧନକୁବେର ବୋଲି ସଂସାରୀ ଲୋକଙ୍କ ଦ୍ୱାରା ପୂଜୀତ ହେଲେ ଆପଣ ସବୁଠାରୁ ବେଶୀ ଆନନ୍ଦ ଅନୁଭବ କରିବେ ... ନା ଦରିଦ୍ର ହେଲେ ମଧ୍ୟ ପଣ୍ଡିତମାନଙ୍କ ଦ୍ୱାରା ଏବଂ ଜ୍ଞାନୀ ଗୁଣୀମାନଙ୍କ ଦ୍ୱାରା ପ୍ରକୃତ ମଣିଷଭାବେ ପୂଜିତ ହେଲେ ଆପଣ ସବୁଠୁ ବେଶୀ ଆନନ୍ଦ ପାଇବେ .... ତାହା ଜାଣିବା ପାଇଁ ମୋର ଖୁବ୍ ଆଗ୍ରହ ହେଉଛି ।"

### ଦେଶର ଆହ୍ୱାନ ନିକଟରେ ସବୁ କିଛି ହେଲା ତୁଚ୍ଛ

ସୁଭାଷ ଚନ୍ଦ୍ର ଗୋଟିଏ ପଟେ ଥିଲେ ଫୁଲ ଭଳି କୋମଳ ପୁଣି ଅନ୍ୟପଟରେ ମର୍ଯ୍ୟାଦା ଓ ଆଦର୍ଶର ପ୍ରଶ୍ନରେ ବଜ୍ରଭଳି କଠୋର । ତାଙ୍କର ସମଗ୍ର ସୁଦୀର୍ଘ ସଂଗ୍ରାମମୟ ଜୀବନ ହିଁ ଥିଲା ଏହାର ନିଦର୍ଶନ । ପ୍ରେସିଡେନ୍ସି କଲେଜର ଇତିହାସ ଅଧ୍ୟାପକ ଏଡ୍‌ୱାର୍ଡ୍ ଓଟେନ ଯେତେବେଳେ 'ଇଂରେଜମାନଙ୍କର ପବିତ୍ର କାର୍ଯ୍ୟ ହେଉଛି ବର୍ବର ଭାରତୀୟମାନଙ୍କୁ ସଭ୍ୟ କରାଇବା' ଭଳି ଅପମାନଜନକ ମନ୍ତବ୍ୟ ଦେଇଛନ୍ତି, ସେତେବେଳେ ସେ ତା'ର ତୀବ୍ର ପ୍ରତିବାଦ କରି କଲେଜରୁ ବହିଷ୍କୃତ ହୋଇଛନ୍ତି, ତିନିବର୍ଷ ଧରି ବିତାଡିତ ହୋଇ ରହିଛନ୍ତି । ମାତ୍ର ନିଜର ମର୍ଯ୍ୟାଦା ହରାଇ କ୍ଷମା ଭିକ୍ଷାକରି କଲେଜକୁ ଫେରି ଆସିବାପାଇଁ ଚେଷ୍ଟା କରିବା ସ୍ୱପ୍ନରେ ବି ଭାବି ପାରିନାହାନ୍ତି । ବରଂ କହିଛନ୍ତି, "ଏହି ପ୍ରତିବାଦ ହିଁ ମୋ ଚରିତ୍ରର ମୂଳଦୁଆ ପକାଇଥିଲା ।" ପିତାଙ୍କ କଥା ଅମାନ୍ୟ କରିନପାରି ଆଇ.ସି.ଏସ୍ ପଢିବାକୁ ବିଲାତ ଯାଇଛନ୍ତି । ଆଇ.ସି.ଏସ୍ ପରୀକ୍ଷାରେ ସଫଳତାର ସହ ଉତ୍ତିର୍ଣ୍ଣ ମଧ୍ୟ ହୋଇଛନ୍ତି । ମାତ୍ର ବିବେକର ଦଂଶନରେ କ୍ଷତବିକ୍ଷତ ହୋଇ ଭାବିଛନ୍ତି, ଏକା ସମୟରେ ବ୍ରିଟିଶ ସରକାର ଓ ଭାରତର ଜନଗଣଙ୍କର ସେବା କରିବା ଅସମ୍ଭବ । ପୁଣି ଜାଲିଓ୍ୱାନାବାଗର ବର୍ବର ନରସଂହାରରେ ହୃଦୟ ତାଙ୍କର ବିଦୀର୍ଣ୍ଣ ହୋଇଛି । ତେଣୁ ତାଙ୍କର ମନର ଅବସ୍ଥାକୁ ବ୍ୟକ୍ତ କରି ଲେଖିଥିଲେ, "ମୁଁ ବର୍ତ୍ତମାନ ଜୀବନର ଦୁଇପଥର ସଂଯୋଗ ସ୍ଥଳରେ ଉପସ୍ଥିତ ଏବଂ ମଧ୍ୟମ ପନ୍ଥା ଅବଲମ୍ବନ କରିବାର କୌଣସି ଉପାୟ ନାହିଁ । ହୁଏତ ମୋତେ ଏହି ଜଘନ୍ୟ ଚାକିରୀର ମାୟା ତ୍ୟାଗ କରି ସର୍ବାନ୍ତକରଣେ ଦେଶ ପାଇଁ ଜୀବନ ଉତ୍ସର୍ଗ କରିବାକୁ ହେବ । ନଚେତ ସମସ୍ତ ଆଦର୍ଶ, ଆକାଂକ୍ଷାକୁ ଜଳାଞ୍ଜଳି ଦେଇ ସିଭିଲ ସର୍ଭିସରେ ପ୍ରବେଶ କରିବାକୁ ହେବ ।" ଦୃଢ ନିଷ୍ପତ୍ତି ନେଇଛନ୍ତି । ଆଦର୍ଶର ପ୍ରଶ୍ନରେ ସାଲିସ ନାହିଁ । କୌଣସି ଦୁର୍ବଳତା ନାହିଁ । ପିତାମାତାଙ୍କ ଆଖିର ଲୁହ କଥା ଭାବି ତିଳେମାତ୍ର ଦୁର୍ବଳତାକୁ ମନରେ ସ୍ଥାନ ଦେଇ ପଛକୁ ହଟି ନାହାନ୍ତି । ସେତେବେଳେ ମନ ମଧ୍ୟରେ ଭାସି ଉଠୁଛି ତ୍ୟାଗ ଓ ସଂଗ୍ରାମର ମୂର୍ତ୍ତ ପ୍ରତୀକ, ଆଦର୍ଶପୁରୁଷ ଦେଶବନ୍ଧୁ ଚିତ୍ତରଂଜନଙ୍କ ସୌମ୍ୟ ମୂର୍ତ୍ତି । ଦେଶବନ୍ଧୁଙ୍କ ତରୁଣ ଛାତ୍ରଯୁବକମାନଙ୍କ ପ୍ରତି ଆବେଗଭରା ଆହ୍ୱାନ, ବର୍ତ୍ତମାନ ସ୍ୱାଧୀନତା ସଂଗ୍ରାମରେ ଏକନିଷ୍ଠ କର୍ମୀର ନିଦାରୁଣ ଅଭାବ, ସେହି ଅଭାବକୁ ପୁରଣ କରିବାକୁ ଆଗେଇ ଆସିବାକୁ ହେବ । ଆଇ.ସି.ଏସ୍ ଚାକିରୀର ସମସ୍ତ ସୁଖ, ଭୋଗ ବିଳାସପୂର୍ଣ୍ଣ ଜୀବନକୁ ପାଦରେ ଦଳିଦେଇ ଆଗେଇ ଆସିଲେ ୨୪ ବର୍ଷର ତରୁଣ ସୁଭାଷ ।

### ପ୍ରତିକୂଳତାକୁ ପ୍ରତିହତ କରି ହୃଦୟ ହେଲା ପ୍ରସାରିତ

ଏହି ମହାନ କର୍ତ୍ତବ୍ୟ ସଂପାଦନ କରିବାର ସ୍ୱପ୍ନ ନେଇ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ । ବମ୍ବେର ମଣି ଭବନରେ ପ୍ରଥମେ ମହାତ୍ମା ଗାନ୍ଧୀଙ୍କୁ ସାକ୍ଷାତ କଲେ । ୧୯୨୧ ମସିହା; ସମଗ୍ର ଦେଶ ସେତେବେଳେ ଅସହଯୋଗ ଆନ୍ଦୋଳନ ଚାଲୁଛି । ସରକାରୀ ଉପାଧି ଓ ସରକାରୀ ଚାକିରୀ ବର୍ଜନ, ସରକାରୀ ସ୍କୁଲ କଲେଜ ବର୍ଜନ ତଥା ଇଂରେଜ ସରକାରକୁ ସମସ୍ତ ପ୍ରକାର କର ଖଜଣା ଦେବା ବନ୍ଦ ଥିଲା ଅସହଯୋଗ ଆନ୍ଦୋଳନର ତିନୋଟି ପର୍ଯ୍ୟାୟ । ବିଜ୍ଞ ଗାନ୍ଧିଜୀଙ୍କୁ ଯୁବକ ସୁଭାଷ ପ୍ରଶ୍ନ କରିଥିଲେ କେଉଁ ପ୍ରକ୍ରିୟାରେ ଅସହଯୋଗ ଆନ୍ଦୋଳନ ତାର ତୃତୀୟ ପର୍ଯ୍ୟାୟ ଅର୍ଥାତ କର ଖଜଣା ଦେବା ବନ୍ଦ ପର୍ଯ୍ୟାୟରେ ପହଞ୍ଚି ସଂପୂର୍ଣ୍ଣ ସଫଳତା ଅର୍ଜନ କରିବ । କେବଳମାତ୍ର

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)



## ସ୍ୱାଧୀନତା ଆନ୍ଦୋଳନର ....

*ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ*

ଅସହଯୋଗ ଆନ୍ଦୋଳନ ଦ୍ୱାରା ହିଁ ବ୍ରିଟିଶକୁ ଏ ଦେଶ ଛାଡିଯିବାକୁ ବାଧ୍ୟ କରାଯାଇପାରିବ ଓ ନାଗପୁର କଂଗ୍ରେସରେ ଗାନ୍ଧୀଜୀ ଦେଇଥିବା ପ୍ରତିଶ୍ରୁତି, ବର୍ଷକ ମଧ୍ୟରେ ସ୍ୱରାଜ(ସ୍ୱାୟତ୍ତ ଶାସନ) ଆସିବ, ଏହା କିଭଳି ସଫଳ ହେବ ? ନେତାଜୀ ପ୍ରଥମ ଓ ଦ୍ୱିତୀୟ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ପାଇଥିଲେ ବି ତୃତୀୟ ପ୍ରଶ୍ନରେ ତାଙ୍କର ସଂଶୟ ରହିଗଲା ତଥା ଏବିଷୟରେ ଗାନ୍ଧୀଜୀଙ୍କର ସ୍ପଷ୍ଟ ଧାରଣା ନଥିଲା ବୋଲି ସେ ନିଜେ ଉଲ୍ଲେଖ କରିଛନ୍ତି । କଲିକତା ଆସି ଦେଶବନ୍ଧୁ ଚିତ୍ତରଂଜନ ଦାସଙ୍କ ସହିତ ଆଲୋଚନାରେ ସେ ସ୍ପଷ୍ଟ ଉତ୍ତର ପାଇଥିଲେ । ଦେଶରେ ଚାଲୁଥିବା ସଶସ୍ତ୍ର ବିପ୍ଳବବାଦ ପ୍ରତି ନେତାଜୀଙ୍କ ମନୋଭାବକୁ ସଠିକଭାବେ ବୁଝିପାରିଥିଲେ ଦେଶବନ୍ଧୁ । ନେତାଜୀ କହୁଥିଲେ ଦେଶର ସୁପ୍ତ ଜନତାକୁ ନିଜର ରକ୍ତ ଦେଇ ଜାଗ୍ରତ କରାଇଛନ୍ତି ଏହି ବିପ୍ଳବୀ ଯୋଦ୍ଧାମାନେ । ଇଂରେଜମାନେ ଅହିଂସା ବା ଚରଖାକୁ ଭୟପା'ନ୍ତି ନାହିଁ । ପ୍ରକୃତରେ ଭୟ ପାଆନ୍ତି ଏହି ବିପ୍ଳବୀମାନଙ୍କୁ । ଦେଶବନ୍ଧୁଙ୍କ ପରାମର୍ଶ କ୍ରମେ ଦେଶର ଜାଗ୍ରତ ଯୁବଶକ୍ତିର ଶାଣୀତ ସ୍ୱରକୁ ଦେଶର ବୃହତ୍ତମ ଆନ୍ଦୋଳନର ମଂଚ ଭାରତୀୟ ଜାତୀୟ କଂଗ୍ରେସରେ ପ୍ରତିନିଧିତ୍ୱ କରିବାପାଇଁ ସେ କଂଗ୍ରେସରେ ଜଣେ ସ୍ୱେଚ୍ଛାସେବକ କର୍ମୀଭାବେ ଯୋଗ ଦେଲେ । ଦେଶବନ୍ଧୁଙ୍କ ସଂପର୍କରେ ସେ ନିଜର ହୃଦୟର ଭାଷା ବ୍ୟକ୍ତ କରି କହିଥିଲେ, "ସେ ଏଭଳି ଜଣେ ମଣିଷ, ଯିଏ ଜାଣନ୍ତି ନିଜର ଲକ୍ଷ୍ୟ କ'ଣ ? .. ସେ ଏଭଳି ଜଣେ ମଣିଷ ଯାହାଙ୍କ ନିକଟରେ ଯୌବନ ଅବାଞ୍ଛିତ ନୁହେଁ, ବରଂ ଏକ ସମ୍ପଦ ।" କଂଗ୍ରେସରେ ସେ ପ୍ରକୃତରେ ପ୍ରାଣବନ୍ତ ଯୌବନର ଯଥାର୍ଥ ପ୍ରତିନିଧି ଥିଲେ । ବହୁ ଝଡ ଝଞ୍ଜା ପ୍ରତିକୂଳତା ମଧ୍ୟରେ ସେ ଦେଶର ବାମପନ୍ଥୀ ଧାରା ଭାବେ ପରିଚିତ ଥିବା ଶକ୍ତିଶାଳୀ ବିପ୍ଳବବାଦର ଝଣ୍ଡାକୁ ଉର୍ଦ୍ଧ୍ୱୋତୋଳିତ କରି ରଖିଥିଲେ । ସେ ହିଁ ପ୍ରଥମେ କଂଗ୍ରେସ ମଧ୍ୟରେ ସ୍ୱାୟତ୍ତ ଶାସନ ନୁହେଁ ପୂର୍ଣ୍ଣ ସ୍ୱାଧୀନତାର ଦାବି ଉତ୍‌ଥାପନ କରିଥିଲେ ଏବଂ ଏହି ଦାବି ସପକ୍ଷରେ କଂଗ୍ରେସ ଅଭ୍ୟନ୍ତରରେ ଓ ବାହାରେ ଅକ୍ଲାନ୍ତ ପରିଶ୍ରମ କରି ଜନମତ ଗଢିତୋଳିଥିଲେ । ଶେଷରେ କଂଗ୍ରେସର ଲକ୍ଷ୍ୟଭାବେ ଏହି ଦାବିକୁ ଗୃହୀତ ମଧ୍ୟ କରାଇଥିଲେ । ସ୍ୱାଧୀନତା ଆନ୍ଦୋଳନରେ ଦୁଇଧାରାକୁ କେନ୍ଦ୍ରକରି ଗାନ୍ଧୀଜୀଙ୍କ ସହିତ ତାଙ୍କର ବହୁ ମତପାର୍ଥକ୍ୟ ଘଟିଛି କିନ୍ତୁ କୌଣସି କ୍ଷେତ୍ରରେ କୌଣସି ବିଷୟକୁ ସେ ଅନ୍ଧଭାବେ ଗ୍ରହଣ କରିନାହାନ୍ତି । ୧୯୩୧ ମସିହା ମାର୍ଚ୍ଚ ୨୪ତାରିଖରେ ଶହୀଦ ଏ ଆଜମ୍ ଭଗତ ସିଂଙ୍କ ଫାଶୀକୁ କେନ୍ଦ୍ର କରି ମତପାର୍ଥକ୍ୟ ଶିଖରରେ ପହଞ୍ଚିଥିଲା । ଭଗତ ସିଂଙ୍କ ଆଦର୍ଶର ଚର୍ଚ୍ଚା ଅରାଜକତା ଓ ହିଂସାର ପ୍ରୋତ୍ସାହନ ବୋଲି ଗାନ୍ଧୀଜୀ ମତ ଦେଇଥିଲା ବେଳେ ନେତାଜୀ କହିଥିଲେ, ଭଗତ ସିଂ ବିପ୍ଳବର ପ୍ରତୀକ । ଏହା ସର୍ବବିଦିତ ଯେ ଗାନ୍ଧୀଜୀ ଆପୋଷମୁଖୀ ଓ ନେତାଜୀ ଆପୋଷହୀନ ଧାରାର ପ୍ରତିନିଧିତ୍ୱ କରିଥିଲେ । ଏହିଭଳି ଭାବେ ଦୁଇ ବିପରୀତ ଧାରାର ଅବିରାମ ନୀତିଗତ ସଂଗ୍ରାମ ମଧ୍ୟରେ ନେତାଜୀ ଆଗେଇ ଚାଲିଥିଲେ ଏବଂ ନିଜର ପ୍ରଜ୍ଞା, ସଂଗ୍ରାମ ଓ ନେତୃତ୍ୱ ପ୍ରଦାନକାରୀ କ୍ଷମତା ବଳରେ କଂଗ୍ରେସର ନେତୃତ୍ୱକୁ ଆସିଯାଇଥିଲେ ଓ ଏହି ଧାରାରେ ୧୯୩୮ ମସିହା ହରିପୁରା କଂଗ୍ରେସରେ ନେତାଜୀ ସର୍ବସମ୍ମତିକ୍ରମେ ସଭାପତିଭାବେ ନିର୍ବାଚିତ ହୋଇଥିଲେ । ଗାନ୍ଧୀଜୀ ଓ କଂଗ୍ରେସର ଦକ୍ଷିଣପନ୍ଥୀ ନେତାମାନେ ଭାବିଥିଲେ ହୁଏତ ସଭାପତି ପଦ ପାଇବା ପରେ ନେତାଜୀଙ୍କ ସଂଗ୍ରାମୀ ତେଜ ଶିଥିଳ ହୋଇଯିବ ଓ ସେ ନିଜର ମତ ପରିବର୍ତ୍ତନ କରି ଗାନ୍ଧୀଜୀଙ୍କ ସ୍ତାବକ ହୋଇଯିବେ । ମାତ୍ର ଘଟଣା ହେଲା ଓଲଟା, ନେତାଜୀଙ୍କ ସଂଗ୍ରାମୀ କଣ୍ଠସ୍ୱର ଆହୁରି ଶାଣିତ ହେଲା । ହରିପୁରା ଅଧିବେଶନରେ ଦେଇଥିବା ଅଭିଭାଷଣ ଥିଲା ତାଙ୍କର ପରିପକ୍ୱ ଚିନ୍ତା ଭାବନାର ଏକ ସାମଗ୍ରିକ ଦଲିଲ । ପୃଥିବୀର ପ୍ରଥମ ସମାଜତାନ୍ତ୍ରିକ ରାଷ୍ଟ୍ର ସୋଭିଏତ୍ ଋଷର ରୂପକାର ମହାନ ଲେନିନଙ୍କ ନାମ ଉଚ୍ଚାରଣ କରି ସେ ତାଙ୍କର ବକ୍ତବ୍ୟରେ କହିଥିଲେ- "ଲେନିନ୍ ଯେମିତି ବହୁ ପୂର୍ବରୁ ଦର୍ଶାଇଥିଲେ ଗ୍ରେଟ ବ୍ରିଟେନ ପ୍ରତିକ୍ରିୟାର ଶକ୍ତି ବୃଦ୍ଧି କରିଛି ଓ ତାର ପୁଷ୍ଟି ସାଧନ କରିଛି କେତୋଟି ଦେଶର ଦାସତ୍ୱ ।" ପୁଣି ନିଜର ଆନ୍ତର୍ଜାତିକ ଦୃଷ୍ଟିଭଙ୍ଗୀକୁ ତୋଳିଧରି କହିଥିଲେ- "ଆମେ ଭାରତ ତଥା ବ୍ରିଟିଶ ସାମ୍ରାଜ୍ୟର ଅନ୍ୟାନ୍ୟ ଦାସତ୍ୱାଧୀନ ଦେଶର ରାଜନୈତିକ ସ୍ୱାଧୀନତା ପାଇଁ ଯେଉଁମାନେ ସଂଗ୍ରାମ କରୁଛୁ, ସେମାନେ ବାସ୍ତବରେ ବ୍ରିଟିଶ ଜନସାଧାରଣଙ୍କର ଅର୍ଥନୈତିକ ମୁକ୍ତିପାଇଁ ମଧ୍ୟ ସଂଗ୍ରାମ କରୁଛୁ ।" ଏହି ପ୍ରସଙ୍ଗରେ ସେ ଆହୁରି ମଧ୍ୟ କହିଥିଲେ- "ସୋଭିଏତ୍ ଋଷିଆର ଅସ୍ତିତ୍ୱ ହିଁ ପ୍ରତିଟି ସାମ୍ରାଜ୍ୟବାଦୀ ରାଷ୍ଟ୍ରର ଶାସକଶ୍ରେଣୀ ମନରେ ଭୀତି ସଂଚାର କରେ ।" ପୁଣି ଇଂରେଜ ସରକାରର ଭେଦ ଶାସନ ନୀତି ତଥା ସାଂପ୍ରଦାୟିକ ବିଭେଦକାରୀ ଶକ୍ତିମାନଙ୍କୁ ଦୃଢ ଜବାବ ଦେଇ କହିଥିଲେ- **"ଆମର ଲକ୍ଷ୍ୟ ହେବା ଉଚିତ ଅଦ୍ୟବଧି ବଂଚି ରହିଥିବା ବା ବଂଚିବାକୁ ଦିଆଯାଇଥିବା ଧର୍ମୀୟ ପ୍ରସଙ୍ଗ ତଥା ଅର୍ଥନୈତିକ ଓ ରାଜନୈତିକ ବିଷୟରେ ଐକ୍ୟମତ ଆପଣେଇବା ।"** ଭବିଷ୍ୟତ ଭାରତର ରୂପରେଖା ଦର୍ଶାଇବାକୁ ଯାଇ କହିଥିଲେ- "ସମସ୍ତ ଜାତୀୟ ସମସ୍ୟା ଗୁଡିକର କାର୍ଯ୍ୟକାରୀ ସମାଧାନ ଏକମାତ୍ର ସମାଜତାନ୍ତ୍ରିକ ଧାରାରେ ହିଁ ସମ୍ଭବ ।" ଏଥିସହିତ ସ୍ୱାଧୀନତା ଆନ୍ଦୋଳନ ଗଢିତୋଳିବାର ଡାକରା ତଥା ଶିଳ୍ପର ରାଷ୍ଟ୍ରୀୟକରଣ ଓ ସାମାଜିକିକରଣର ଘୋଷଣା ସର୍ବୋପରି ଋଷିଆ ଭଳି ଏହି ଦେଶରେ ସମାଜତନ୍ତ୍ର ପ୍ରତିଷ୍ଠାର ଆହ୍ୱାନ ସେଦିନ ସମ୍ରାଜ୍ୟବାଦୀ ବ୍ରିଟିଶ ଶାସକ ଏବଂ ଦେଶୀୟ ପୁଞ୍ଜିପତି, ଜମିଦାର ଓ ପ୍ରତିକ୍ରିୟାଶୀଳ ଶକ୍ତିମାନଙ୍କ ମଧ୍ୟରେ ହୃତକମ୍ପ ସୃଷ୍ଟି କରିଥିଲା । ଏହି ଚକ୍ର ଯେମିତି ନେତାଜୀଙ୍କ ମଧ୍ୟରେ ସେମାନଙ୍କ ମୃତ୍ୟୁର ପ୍ରତିଛବି ଦେଖିପାରିଥିଲେ । ଆତଙ୍କିତ ଏହି ପ୍ରତିକ୍ରିୟାଶୀଳ ଶକ୍ତିମାନେ ନେତାଜୀଙ୍କୁ କଂଗ୍ରେସରୁ ହଟାଇବାପାଇଁ ଘୃଣ୍ୟ ଷଡଯନ୍ତ୍ରର ପ୍ରସ୍ତୁତି ଆରମ୍ଭ କରିଥିଲେ । ପରବର୍ତ୍ତୀ ତ୍ରିପୁରୀ କଂଗ୍ରେସରେ ନେତାଜୀଙ୍କୁ କଂଗ୍ରସ ସଭାପତିଭାବେ ପୁନଃ ନିର୍ବାଚିତ ନ କରାଇଦେବା ପାଇଁ ସେମାନେ ଗାନ୍ଧୀବାଦୀ ପଟ୍ଟାଭି ସିତାରାମାୟାଙ୍କୁ କଂଗ୍ରେସ ପରମ୍ପରା ବିରୁଦ୍ଧରେ ଯାଇ ପ୍ରାର୍ଥୀ କରାଇଥିଲେ । ଗାନ୍ଧୀଜୀଙ୍କ ସିତାରାମାୟାଙ୍କୁ ଖୋଲାଖୋଲି ସମର୍ଥନ ତଥା ସମସ୍ତ ଗାନ୍ଧୀବାଦୀ ଦକ୍ଷିଣପନ୍ଥୀ ନେତାମାନଙ୍କ ମିଳିତ ପ୍ରଚେଷ୍ଟା ସତ୍ତ୍ୱେ ମଧ୍ୟ ସୁଭାଷ ବୋଷ ଦ୍ୱିତୀୟ ଥର ପାଇଁ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ନେତାଜୀଙ୍କ ବିଜୟରେ କ୍ଷୁବ୍ଧ ଗାନ୍ଧୀଜୀ କହିଥିଲେ- 'ପଟ୍ଟାଭିଙ୍କର ପରାଜୟ ମୋର ପରାଜୟ । ସୁଭାଷ ବୋଷଙ୍କୁ ଅଭିନନ୍ଦନ ଜଣାଉଛି । ଯାହେଉ ସୁଭାଷ ବୋଷ ତ ଦେଶର ଶତ୍ରୁ ନୁହଁନ୍ତି ।' ଏହାଥିଲା ଗାନ୍ଧୀଜୀଙ୍କର ଅଭିନନ୍ଦନର ଭାଷା । ତା'ପରେ ନେତାଜୀଙ୍କ ସମସ୍ତ କ୍ଷମତା ଖର୍ବ କରି ତାଙ୍କୁ ଗାନ୍ଧୀଜୀଙ୍କ ହାତରେ ସଖୀ କଣ୍ଢେଇ ସଭାପତି କରି ରଖିବା ନଚେତ ତାଙ୍କୁ ସଭାପତି ପଦରୁ ଯେକୌଣସି ଭାବେ ଅପସାରିତ କରିବାପାଇଁ ଗାନ୍ଧୀବାଦୀମାନଙ୍କ ଦ୍ୱାରା ଆସିଥିଲା କୁଖ୍ୟାତ ପନ୍ଥ ପ୍ରସ୍ତାବ । ସେଦିନ କଂଗ୍ରେସ ସୋସାଲିଷ୍ଟ ପାର୍ଟି, ସି.ପି.ଆଇର ଚରମ ସୁବିଧାବାଦୀ ରାଜନୀତି ତଥା ବିଶ୍ୱାସଘାତକ ଆଚରଣ ଯୋଗୁ ପନ୍ଥ ପ୍ରସ୍ତାବ ଗୃହୀତ ହେଲା ଏବଂ ଗାନ୍ଧୀଜୀଙ୍କ ଅସହଯୋଗ ଯୋଗୁ କଂଗ୍ରେସର ୱାର୍କିଂ କମିଟି ଗଠନ ହୋଇପାରିନଥିଲା । ଏହି ଅଚଳାବସ୍ଥା ପାଇଁ ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭଳି ଗାନ୍ଧୀବାଦୀ ନେତାମାନେ ନେତାଜୀଙ୍କୁ ଦାୟୀକରି ପ୍ରକାଶ୍ୟରେ ସୌଜନ୍ୟହୀନ ବିବୃତ୍ତି ଦେଲେ । ଶେଷରେ ନେତାଜୀ କଂଗ୍ରେସର ସଭାପତି ପଦରୁ ପଦତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ । ଗଣତନ୍ତ୍ରକୁ ସେଦିନ ଏହିଭଳି ଭାବେ ହତ୍ୟା କରିଥିଲେ ନିଜକୁ ଗଣତନ୍ତ୍ରର ପୁରୋଧା ବୋଲାଉଥିବା ନେତାମାନେ । ମାତ୍ର ନେତାଜୀ ତାଙ୍କ ପ୍ରତି ଏତେ ଅବିଚାର ସତ୍ତ୍ୱେ ପରବର୍ତ୍ତୀ କଲିକତା କଂଗ୍ରେସରେ ନବ ନିର୍ବାଚିତ କଂଗ୍ରେସର ସଭାପତି ରାଜେନ୍ଦ୍ର ପ୍ରସାଦଙ୍କୁ ସମ୍ବୋଧିତ କରି ନିଜ ଘରକୁ ଅତିଥିଭାବେ ବରଣ କରିନେଇ ନିଜର ହୃଦୟର ବିଶାଳତାର ଏକ ନଜିରବିହୀନ ଦୃଷ୍ଟାନ୍ତ ରଖିଗଲେ । ପରବର୍ତ୍ତୀ ସମୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରସ୍ତୁତି ଲଗ୍ନରେ ଆନ୍ତର୍ଜାତିକ ପରିସ୍ଥିତିର ସୁଯୋଗ ନେଇ ବ୍ରିଟିଶ ବିରୋଧି ଆନ୍ଦୋଳନକୁ ଶକ୍ତିଶାଳୀ କରିବାପାଇଁ ଡାକରା ଦେବାରୁ କଂଗ୍ରେସ ତାଙ୍କୁ ଶୃଙ୍ଖଳାଭଙ୍ଗ ଅଭିଯୋଗରେ ବହିଷ୍କାର କରିଥିଲା । ଗାନ୍ଧୀଜୀ ତାଙ୍କୁ 'ନଷ୍ଟ ବାଳକ'ର ଆଖ୍ୟା ଦେଇଥିଲେ । ଗାନ୍ଧୀଜୀଙ୍କ ଏତାଦୃଶ ଆଚରଣ ଦେଖି ଅନେକ ଗାନ୍ଧୀଜୀଙ୍କ ବିରୁଦ୍ଧରେ କୁରୁଚିପୂର୍ଣ୍ଣ ସମାଲୋଚନା କରିଥିଲେ । ମାତ୍ର ଏଯୁଗର ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ ଶିବଦାସ ଘୋଷ ଗାନ୍ଧୀଜୀଙ୍କ ଚିନ୍ତାଧାରାକୁ ବିଜ୍ଞାନ ସମ୍ମତ ଭାବେ ବିଶ୍ଳେଷଣ କରି କହିଥିଲେ, 'ସମାଜର ଅଗ୍ରଗତି ଓ ବିକାଶର ନିୟମକୁ ଅସ୍ୱୀକାର କରି ଶ୍ରେଣୀ ବିଭକ୍ତ ସମାଜରେ ସବୁ ମଣିଷର କଲ୍ୟାଣ(ଅର୍ଥାତ୍ ଉଭୟ ପୁଞ୍ଜିପତି ଶ୍ରେଣୀ ଓ ଶ୍ରମିକଶ୍ରେଣୀର ଏକା ସାଙ୍ଗରେ କଲ୍ୟାଣ) ସାଧନ କରିବାକୁ ଚାହିଁଥିଲେ ବୋଲି ହିଁ ଗୋଟିଏ ଦିଗରେ ବୁର୍ଜୁଆ ନୈତିକ ମୂଲ୍ୟବୋଧ ଗୁଡିକର ଆବେଦନ ତାଙ୍କ ମଧ୍ୟରେ ଅଶେଷ ମମତ୍ୱବୋଧ ସୃଷ୍ଟି କରିଥିଲା । ଅନ୍ୟଦିଗରେ ପୁଞ୍ଜିପତି ଶ୍ରେଣୀର ବିପ୍ଳବ ଭୀତି ମଧ୍ୟ ଏକା ସାଙ୍ଗରେ ତାଙ୍କ ଚିନ୍ତାଧାରାର ଅଜ୍ଞାତ ସାରରେ ହିଁ କାମ କରି ଚାଲିଥିଲା । ଫଳରେ ନିଷ୍ଠା ଓ ସତତାର ସହିତ ଜନଗଣଙ୍କର କଲ୍ୟାଣ କଥା ଚିନ୍ତା କଲେ ମଧ୍ୟ ଯେଉଁ ମତବାଦ ଅର୍ଥାତ୍ ଗାନ୍ଧୀବାଦର ସେ ଜନ୍ମ ଦେଇଥିଲେ, ତାହା ବାସ୍ତବରେ ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥକୁ ହିଁ ରକ୍ଷା କରିଛି ଓ ଆଜି ମଧ୍ୟ କରିଚାଲିଛି । ତେଣୁ ଗାନ୍ଧୀଜୀ ତାଙ୍କର ଶ୍ରେଣୀ ସମନ୍ୱୟକାରୀ ଏହି ଭ୍ରାନ୍ତ ଚିନ୍ତା ଯୋଗୁ ପୁଞ୍ଜିପତିମାନଙ୍କ କପଟ ଉଦ୍ଦେଶ୍ୟକୁ ବୁଝିପାରିନଥିଲେ । ନେତାଜୀ ମଧ୍ୟ ସେଦିନ ଦୁଃଖର ସହ କହିଥିଲେ, 'ଜମିଦାର, ଶିଳ୍ପପତି କୋଟିପତିମାନେ ହିଁ ବର୍ତ୍ତମାନ କଂଗ୍ରେସୀ ମନ୍ତ୍ରୀମାନଙ୍କୁ ଘେରି ରହିଛନ୍ତି ।'

### ସଂକଳ୍ପ ହେଲା ଆହୁରି ବଜ୍ର, ଆହୁରି ଶାଣୀତ

ସେହି ଘଟଣା ବହୁଳ ଦିନଗୁଡିକର ନେତାଜୀ କିନ୍ତୁ ସ୍ଥିର ହୋଇ ବସିରହିନଥିଲେ । ୧୯୪୦ ମସିହାରେ ବିହାରର ରାମଗଡଠାରେ ଆପୋଷ ବିରୋଧୀ ସମ୍ମିଳନୀ ଜରିଆରେ ବାମପନ୍ଥୀ ଶକ୍ତିମାନଙ୍କୁ ସମ୍ମିଳିତ କରି ଦେଶ ଭିତରେ ଏକ ଶକ୍ତିଶାଳୀ ସ୍ୱାଧୀନତା ଆନ୍ଦୋଳନ ସଂଗଠିତ କରିବାପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ । ସେ ବୁଝିଥିଲେ, ବର୍ତ୍ତମାନ ଆନ୍ତର୍ଜାତୀୟ ପରିସ୍ଥିତି ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଏହାର ସଫଳତା ଦିଗରେ ନେଇଯିବାପାଇଁ ଏକ ବିରାଟ ସୁଯୋଗ ଆଣି ଦେଇଛି ଯାହାକୁ ହାତଛଡା କରିବା ଉଚିତ ନୁହେଁ । କିନ୍ତୁ ସେଦିନ ନା ସିପିଆଇ ନା କଂଗ୍ରେସ ସୋସାଲିଷ୍ଟ ପାର୍ଟି କେହି ତାଙ୍କ ପାଖରେ ଠିଆ ହୋଇଥିଲେ । ସେ ଗାନ୍ଧୀ ନେହେରୁ ଏପରିକି ମୁସଲିମ ଲିଗର ସଭାପତି ମହମ୍ମଦ ଅଲ୍ଲି ଜିନ୍ନା ଓ ହିନ୍ଦୁ ମହାସଭାର ସଭାପତି ସଭରକରଙ୍କ ପାଖକୁ ମଧ୍ୟ ଛୁଟିଯାଇଥିଲେ । ଆକୁଳ ହୋଇ କହିଥିଲେ, ଆସ ଏହି ସମୟର ସୁଯୋଗ ନେଇ ଦେଶକୁ ସ୍ୱାଧୀନ କରିବାପାଇଁ ବ୍ରିଟିଶ ବିରୋଧୀ ସଂଗ୍ରାମକୁ ବ୍ୟାପକ ଓ ଶକ୍ତିଶାଳୀ କରିବା । ମାତ୍ର ଏହି ନେତାମାନେ ସେଦିନ ଯାହା ଉ ର ଦେଇଥିଲେ ତାହା ଆଜି ମଧ୍ୟ ଶୁଣିଲେ ଅବାକ ଲାଗେ । ନେହେରୁ କହିଥିଲେ- **"ବ୍ରିଟିଶ ଜୀବନମରଣ ସଂଗ୍ରାମରେ ଲିପ୍ତ ଥିବା ବେଳେ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ ଭାରତର ସମ୍ମାନ କ୍ଷୁର୍ଣ୍ଣ ହେବ ।"** ଗାନ୍ଧୀଜୀ କହିଲେ- **"ବ୍ରିଟିଶର ଧ୍ୱଂସ ସାଧନ ହେବ, ଆଉ ଆମେ ସ୍ୱାଧୀନ ହେବୁ, ଏହା ମୁଁ ଚାହେଁନା । ଏହା ଅହିଂସ ଆଚରଣ ନୁହେଁ ।"** ମହମ୍ମଦ ଅଲି ଜିନ୍ନା କିଭଳି ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହେବେ ସେ ଚିନ୍ତାରେ ମସଗୁଲ ଥିଲେ ଏବଂ ସଂଗ୍ରାମ ନୁହେଁ ଇଂରେଜକୁ ସହଯୋଗ କରିବା କଥା କହିଥିଲେ । ସେଦିନର ହିନ୍ଦୁ ମହାସଭାର ସଭାପତି ସଭରକରଙ୍କ ସଂପର୍କରେ ନେତାଜୀ ତାଙ୍କ 'ଭାରତ ସଂଗ୍ରାମ' ବହିରେ ଲେଖିଛନ୍ତି- "ମିଷ୍ଟର ସବରକର ଆନ୍ତର୍ଜାତିକ ପରିସ୍ଥିତି ସଂପର୍କରେ ସଂପୂର୍ଣ୍ଣ ଉଦାସୀନ ଥିଲେ ଏବଂ ହିନ୍ଦୁମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଭାରତ ବ୍ରିଟେନ୍‌ରେ ଥିବା ସୈନ୍ୟବାହିନୀରେ ଯୋଗ ଦେବାପାଇଁ ପ୍ରଶିକ୍ଷଣ ନେବାକୁ ପ୍ରବର୍ତ୍ତାଇଥିଲେ ।" ଜିନ୍ନା ଓ ସଭରକରଙ୍କ ସହିତ ଆଲୋଚନା ପରେ ନେତାଜୀ ତାଙ୍କର ଏହି ପୁସ୍ତକରେ ଲେଖିଛନ୍ତି । 'ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ବାଧ୍ୟ ହେଉଛି ଯେ, ଉଭୟ ମୁସଲିମ ଲିଗ୍ ଓ ହିନ୍ଦୁ ମହାସଭା ନିକଟରୁ କିଛି ଆଶା କରିବା ବୃଥା' ନେତାଜୀଙ୍କ ପ୍ରତି ଓ ସ୍ୱାଧୀନତା ଆନ୍ଦୋଳନ ପ୍ରତି ଏହି ଆଚରଣ କରିଥିବା ବ୍ୟକ୍ତିମାନଙ୍କୁ ଦେଶପ୍ରେମୀ କୁହାଯାଇ ପାରେ କି ? ଏମାନେ ଯଦି ଦେଶପ୍ରେମୀ ତେବେ କାହାକୁ ଦେଶ ଦ୍ରୋହୀ କୁହାଯିବ ? ଏମାନେ ପୁଣି ଆଜି ନେତାଜୀ ଜୟନ୍ତୀ ପାଳନ କରୁଛନ୍ତି । ମହାନ ଏହି ଦେଶନାୟକ ସେଦିନ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*



## ସ୍ୱାଧୀନତା ଆନ୍ଦୋଳନର ....

୫ମ ପୃଷ୍ଠାର ଅବଶିଷ୍ଟାଂଶ

ନିଃସଙ୍ଗ ହୋଇଯାଇଥିଲେ । ହାତ ଗଣନ୍ତି କେତେଜଣ ସହକର୍ମୀ ସହଯୋଦ୍ଧାକୁ ନେଇ ଏକ ଦୂରନ୍ତ ସ୍ୱପ୍ନ ଓ ପରିକଳ୍ପନା କରିଥିଲେ । ବିଦେଶ ପଳାୟନ ଓ ସେଠୁ ସ୍ୱାଧୀନତା ପାଇଁ ପ୍ରଚେଷ୍ଟା । ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଗୁଲ ବାଜିସାରିଥିଲା । ଏହି ପରିସ୍ଥିତିରେ ଦୀର୍ଘ କାରାବାସରୁ ମୁକୁଳି ଇଂରେଜ ଦ୍ୱାରା ନିଜ ଘରେ ନଜରବନ୍ଦୀ ଥିବା ନେତାଜୀ କଡା ପୋଲିସ ପ୍ରହରାକୁ ଫାଙ୍କି ଦେଇ ଅସୁସ୍ଥ ଶରୀର ନେଇ ୧୯୪୧ ମସିହା ଜାନୁୟାରୀ ୧୬ ତାରିଖ ଦିନ ରାତି ଦେଢଟା ବେଳେ ସେହି ଦୁଃସାହସିକ ଅବିଶ୍ୱାସନୀୟ ବିଦେଶଯାତ୍ରା ଆରମ୍ଭ କଲେ । ପ୍ରଥମେ ସେ ସୋଭିଏତ ଋଷ ଯାଇଥିଲେ । ମାତ୍ର ସଭ୍ୟତାର ଘୃଣ୍ୟତମ ଶତ୍ରୁ ଫାସିଷ୍ଟ ହିଟଲର ସହିତ ଯୁଦ୍ଧରେ ଲିପ୍ତ ସୋଭିଏତ୍ ଋଷ ପକ୍ଷରେ ନେତାଜୀଙ୍କୁ ସାହାଯ୍ୟ କରିବା ସମ୍ଭବ ନଥିଲା । ସୋଭିଏତ୍ ଋଷିଆର ଏହି ନିରୁପାୟ ଅବସ୍ଥା ବୁଝିଥିଲେ ବୋଲି ସୋଭିଏତ୍ ଋଷ ବା ଷ୍ଟାଲିନ୍‌ଙ୍କ ବିରୁଦ୍ଧରେ ନେତାଜୀ କୌଣସି ଦିନ କୌଣସି ଅଭିଯୋଗ କରିନଥିଲେ । ପରେ ଯୁଦ୍ଧର ଏକ କୌଶଳ ଭାବେ ଜର୍ମାନୀ ଓ ପରେ ଜାପାନର ସାହାଯ୍ୟ ନେଇ କଣ୍ଟାକୁ କଣ୍ଟାରେ କାଢିବା ନ୍ୟାୟରେ ନିଜର ପ୍ରଚେଷ୍ଟା ଜାରୀ ରଖିଥିଲେ ।

ବିଦେଶରେ ରହି ଦେଶର ସ୍ୱାଧୀନତା ପାଇଁ ଆପ୍ରାଣ ଉଦ୍ୟମ କରୁଥିଲାବେଳେ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ୧୯୪୨ର ଭାରତ ଛାଡ ଆନ୍ଦୋଳନ ପ୍ରତି ତୀକ୍ଷ୍ଣ ନଜର ରଖିଥିଲେ । ଆଶାନ୍ୱିତ ହୋଇ ୧୯୪୨, ୩୧ ଅଗଷ୍ଟ ଦିନ ଏକ ବେତାର ଭାଷଣରେ କହିଥିଲେ, "ଭାରତବର୍ଷର ସଂଗ୍ରାମ ଅବାଧ ଗତିରେ ଚାଲୁଛି । ଏହି ଆନ୍ଦୋଳନ ନିଆଁ ଭଳି ଗାଁ ସହରକୁ ବ୍ୟାପୀ ଯାଉଛି, ...... ଦେଶର ସ୍ୱାଧୀନତା ଲାଭ ପାଇଁ ଆମେ ଯେତେ ଆତ୍ମବଳୀ ଦେବୁ, ଯେତେ କଷ୍ଟ ସହ୍ୟ କରିବୁ ସେତେହିଁ ପୃଥିବୀର ବିଭିନ୍ନ ଦେଶ ସମ୍ମୁଖରେ ଭାରତର ସମ୍ମାନ ବୃଦ୍ଧି ପାଇବ ।" ଆଜି ଯେଉଁ ବିଜେପି ଦଳ ପରିଚାଳିତ ସରକାର ଓ ତାର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଏତେ ଦେଶପ୍ରେମୀ ଓ ନେତାଜୀ ଭକ୍ତ ବୋଲି ଡିଣ୍ଡିମ ପିଟୁଛନ୍ତି, ସେଦିନ ଏମାନଙ୍କର ପୂର୍ବଜ ଆର.ଏସ୍.ଏସ୍, ହିନ୍ଦୁ ମହାସଭା ଏହି ଆନ୍ଦୋଳନକୁ ପ୍ରତିକ୍ରିୟାଶୀଳ ବୋଲି ଅଭିହିତ କରିଥିଲା । ଇଂରେଜ ବିରୋଧୀତା ନୁହେଁ, ଇଂରେଜ ପ୍ରତି ଦାୟିତ୍ୱଶୀଳ ସହଯୋଗର ଆହ୍ୱାନ ଦେଇଥିଲେ ସଭରକର । ଆରଏସ୍ଏସ୍‌ର ମାର୍ଗଦର୍ଶକ ଗୁରୁ ଗୋଲୱାଲକର କହିଥିଲେ,- "ବ୍ରିଟିଶ ବିରୋଧୀ ହେବାକୁ ହିଁ ଦେଶପ୍ରେମୀ ଓ ଜାତୀୟତାବାଦୀ ବୋଲି ଧରି ନିଆଯାଇଛି । ଏହା ଏକ ପ୍ରତିକ୍ରିୟାଶୀଳ ଦୃଷ୍ଟିଭଙ୍ଗୀ ।" ତେଣୁ ସମଗ୍ର ସ୍ୱାଧୀନତା ଆନ୍ଦୋଳନକୁ ପ୍ରତିକ୍ରିୟାଶୀଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବିଶ୍ୱାସଘାତକ କହି ଇଂରେଜମାନଙ୍କ ହାତରେ ଧରାଇ ଦେଇଥିଲା ଏହି ଅରଏସ୍ଏସ୍ ଓ ହିନ୍ଦୁ ମହାସଭା । ସେମାନଙ୍କ ଗର୍ଭରୁ ଜନ୍ମ ନେଇଥିବା ବିଜେପି ଦଳ ଅଜି ନିଜକୁ ଦେଶପ୍ରେମୀ ବୋଲି ଜାହିର କରିବା, ନେତାଜୀ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ପାଳନ କରିବା ମଧ୍ୟରେ ଯେଉଁ ଛଳନା, ପ୍ରବଞ୍ଚନା ଭରିରହିଛି ତଥା ନେତାଜୀଙ୍କ ଚରିତ୍ରକୁ ବିକୃତ କରିବାର ଯେଉଁ ଅପକୌଶଳ ରହିଛି ତାହା ବୁଝିବାର ସମୟ ଆସିଛି ।

ସେପଟରେ ଜର୍ମାନୀରେ ସେଭଳି କିଛି ଫଳପ୍ରଦ ଅଗ୍ରଗତିର ଆଶା ନଦେଖି ନେତାଜୀ ଜାପାନ ଅଭିମୁଖେ ତାଙ୍କର ଆଉ ଏକ ଦୁଃସାହସିକ ଜଳଯାତ୍ରା ଆରମ୍ଭ କରିଥିଲେ । ସଦ୍ୟଜାତ କନ୍ୟା ସନ୍ତାନର କଅଁଳ ସୁଖ, ପତ୍ନୀ ଏମିଲିଙ୍କ ହୃଦୟଭରା ଭଲପାଇବା ଏହି ସୁମହାନ ସୁଦୀର୍ଘ ଅଭିଯାତ୍ରୀଙ୍କୁ ସାମାନ୍ୟ ବି ଅଟକାଇ ପାରିନଥିଲା । ବରଂ ଜଣେ ବୀରାଙ୍ଗନା ନାରୀ ଭଳୀ ଏମିଲି ପ୍ରିୟ ପତିଙ୍କୁ ସାଦର ବିଦାୟ ଜଣାଇଥିଲେ ଏବଂ କହିଥିଲେ,- "ଦେଶ, ଦେଶର ସ୍ୱାଧୀନତା ପ୍ରତି ତୁମର ଭଲ ପାଇବା ଠାରୁ ମୁଁ ବଡ ନୁହେଁ ।" ସହଯୋଦ୍ଧା ଆବିଦ ହାସାନଙ୍କୁ ସାଥିରେ ନେଇ ସମୁଦ୍ରପଥରେ ୨୫ହଜାର କିଲୋମିଟର ପଥ ମାତ୍ର ଅଠର ସପ୍ତାହ ମଧ୍ୟରେ ଅତିକ୍ରମ କରି ବିଶେଷଜ୍ଞମାନଙ୍କୁ ମଧ୍ୟ ବିସ୍ମିତ କରାଇ ଦେଇଥିଲେ । ସ୍ୱାଧୀନତାର ଉଦଗ୍ରୀବ ବାସନା ନିକଟରେ ସବୁ ଦୁର୍ଲଙ୍ଘନୀୟ ବାଧା ମଧ୍ୟ ହାର ମାନିଥିଲା । ମହାନ ସଂଗ୍ରାମୀ ରାସବିହାରୀ ବସୁ ନେତାଜୀଙ୍କୁ ପାଇ କୋଟିନିଧି ପାଇଥିଲେ । ନିଜ ହାତରେ ଗଠିତ ଭାରତୀୟ ସ୍ୱାଧୀନତା ସଂଘର ସର୍ବାଧିନାୟକ ପଦରେ ତାଙ୍କୁ ଭୂଷିତ କରିଥିଲେ । ଜାପାନରେ ବନ୍ଦୀ ହୋଇଥିବା ୪୦ହଜାର ଭାରତୀୟ ସୈନିକଙ୍କୁ ନେଇ ନେତାଜୀ ଗଠନ କଲେ ଆଜାଦ ହିନ୍ଦ୍ ଫୌଜ । ଏହି ସୈନିକମାନେ ନେତାଜୀଙ୍କ ମଧ୍ୟରେ ନିଜର ପ୍ରକୃତ ନେତା ଓ ତାଙ୍କ ପ୍ରଦର୍ଶିତ ପଥରେ ପ୍ରକୃତ ମର୍ଯ୍ୟାଦାଜନକ ଜୀବନର ସନ୍ଧାନ ପାଇଥିଲେ । ଆଜାଦ୍‌ହିନ୍ଦ୍ ଫୌଜର ସେନାପତି ଶାହନୱାଜ୍ ଖାଁ ଲାଲକିଲ୍ଲାରେ ତାଙ୍କର ଜମାନବନ୍ଦୀରେ ଦୃପ୍ତ କଣ୍ଠରେ ଏହାର ସ୍ୱୀକୃତି ଦେଇ କହିଥିଲେ,- "ସେ କୋଟି କୋଟି ଦରିଦ୍ର ନିପୀଡିତ ନିରସ୍ତ୍ର ଅସହାୟ ସ୍ୱଦେଶବାସୀଙ୍କ ମୁକ୍ତି ପାଇଁ ଆମକୁ ଆଗେଇ ଆସିବା ନିମନ୍ତେ ଆତ୍ମୋତ୍ସର୍ଗ କରିବାକୁ ଆହ୍ୱାନ ଦେଲେ । କୌଣସି ଆତ୍ମ ମର୍ଯ୍ୟାଦା ସମ୍ପନ୍ନ ଭାରତୀୟ ତାଙ୍କର ଏହି ଆବେଦନକୁ ସ୍ୱୀକାର ନକରି ରହି ପାରେନା । ସମସ୍ତ ପ୍ରକାର ଅବିଚାର ଦୂର କରିବାପାଇଁ ମୁଁ ମୋର ଜୀବନ, ଘରସଂସାର ଏବଂ ବ୍ରିଟିଶ ପ୍ରତି ବହୁ ଯୁଗର ଆନୁଗତ୍ୟକୁ ବିସର୍ଜନ ଦେବାକୁ ଦୃଢ ପ୍ରତିଜ୍ଞ ହେଲି ।"

୧୯୪୩ ମସିହା ଅକ୍ଟୋବର ୨୧ ତାରିଖରେ ଆଜାଦ୍ ହିନ୍ଦ୍ ଅସ୍ଥାୟୀ ସରକାର ପ୍ରତିଷ୍ଠା ହେଲା । ପ୍ରଧାନମନ୍ତ୍ରୀଭାବେ ଶପଥ ପାଠ କରି ନେତାଜୀ କହିଥିଲେ - "ମୁଁ ସୁଭାଷ ଚନ୍ଦ୍ର ବୋଷ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସ୍ୱାଧୀନତାର ପବିତ୍ର ସଂଗ୍ରାମ ଚଳାଇଯିବି । ମୁଁ ସର୍ବଦା ଭାରତର ସେବକ ହୋଇ ରହିବି । ଏପରିକି ଭାରତର ସ୍ୱାଧୀନତା ଲାଭ ପରେ ମଧ୍ୟ ସେହି ସ୍ୱାଧୀନତା ରକ୍ଷାପାଇଁ ମୋର ଶେଷ ରକ୍ତ ବିନ୍ଦୁ ବିସର୍ଜନ ଦେବାକୁ ମଧ୍ୟ ମୁଁ ପ୍ରସ୍ତୁତ ରହିବି । " ଏଠାରେ ଉଲ୍ଲେଖଯୋଗ୍ୟ ; ମିତ୍ରଶକ୍ତି ସହିତ ସୋଭିଏତ୍ ଋଷିଆ ଥିଲେ ମଧ୍ୟ ସେଦିନ ଏହି ଅସ୍ଥାୟୀ ସରକାରକୁ ସ୍ୱୀକୃତି ଦେଇ ପ୍ରକାରନ୍ତରେ ଭାରତର ସ୍ୱାଧୀନତା ସଂଗ୍ରାମ ଓ ନେତାଜୀଙ୍କୁ ସ୍ୱୀକୃତି ଦେଇଥିଲା ।

ଦୀର୍ଘ ପ୍ରସ୍ତୁତି ଓ ପ୍ରତୀକ୍ଷାର ଅନ୍ତ ଘଟିଲା । ଆରମ୍ଭ ହେଲା ବ୍ରିଟିଶ ବିରୋଧୀ ସମ୍ମୁଖ ସମର । ନେତାଜୀଙ୍କ ଉଦା କଣ୍ଠର ଆହ୍ୱାନ – "ବନ୍ଧୁଗଣ, ସେନାପତି ବୃନ୍ଦ ଏବଂ ଭାରତର ସ୍ୱାଧୀନତା ସେନାନୀ, ଆମ୍ଭର ବୁକୁ ମଧ୍ୟରେ ଆଜି ଆମେ ଗୋଟିଏ ମାତ୍ର ପବିତ୍ର ସଂକଳ୍ପ ପୋଷଣ କରୁ । ସ୍ୱାଧୀନତା, ନଚେତ ମୃତ୍ୟୁ । 'ଦିଲ୍ଲୀ ଚଲୋ' ।" ଗଗନ ପବନକୁ ପ୍ରକମ୍ପିତ କଲା । ଏହି ଦେଶପ୍ରେମୀ ସୈନିକମାନଙ୍କ ମଧ୍ୟରେ ଶତସିଂହର ବଳ ଭରିଦେଲା । ଏଣେ ଦେଶର ଅଭ୍ୟନ୍ତରରେ ମୁକ୍ତିକାମୀ ମଣିଷଙ୍କ ମୃତପ୍ରାୟ ପ୍ରାଣରେ ନୂତନ ଜୀବନର ସ୍ପନ୍ଦନ ଆଣିଦେଲା । ବ୍ରିଟିଶ ସାମ୍ରାଜ୍ୟବାଦ, ଦେଶୀୟ ପୁଞ୍ଜିପତି, ଗାନ୍ଧୀବାଦୀ ନେତୃତ୍ୱ ଓ ସାମ୍ପ୍ରଦାୟିକ ଶକ୍ତିମାନେ ଆତଙ୍କିତ ହୋଇପଡିଲେ ।

ସାମ୍ପ୍ରଦାୟିକ ସଂପ୍ରୀତି ଓ ସହଯୋଗର ଅନନ୍ୟ ପରାକାଷ୍ଠା ଦେଖାଇ ପ୍ରକୃତ ଧର୍ମନିରେପେକ୍ଷ ଚିନ୍ତାରେ ଦିକ୍ଷିତ ନେତାଜୀଙ୍କ ଆଜାଦ୍‌ହିନ୍ଦ୍ ଫୌଜ ଦୁର୍ଦ୍ଧର୍ଷ ଗତିରେ ଆଗେଇ ଆସୁଥିବା ବେଳେ ଭାରତରେ ଆରମ୍ଭ ହୋଇଯାଇଥିଲା ସାଂପ୍ରଦାୟିକ ଦଙ୍ଗା, ଗଣହତ୍ୟା ଓ ରକ୍ତପାତ ତଥା ଧର୍ମ ଭିତ୍ତିରେ ଦେଶ ବିଭାଜନର ପ୍ରସ୍ତୁତି । ସେହି ରଣକ୍ଷେତ୍ରରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବିଗ୍ନ ନେତାଜୀ ବେତାର ଭାଷଣରେ କହିଥିଲେ- **'ଆମେ ଐକ୍ୟବଦ୍ଧ ଓ ସ୍ୱାଧୀନ ଭାରତ ସୃଷ୍ଟି ନିମନ୍ତେ ସଂକଳ୍ପ ଗ୍ରହଣ କରୁଛୁ । ସୁତରାଂ ଆମେ ଭାରତକୁ ବିଭକ୍ତ କରିବା ଓ ତାକୁ ଟୁକୁରା ଟୁକୁରା କରିବାର ସମସ୍ତ ଉଦ୍ୟମର ବିରୋଧିତା କରିବୁ । .... ସୋଭିଏତ୍ ୟୁନିୟନକୁ ଆମର ଆଦର୍ଶଭାବେ ଗ୍ରହଣ କରିବା ଉଚିତ । ଭାତରରେ ଯେତେ ଜାତି ଅଛି, ସୋଭିଏତ୍ ଋଷିଆରେ ତା' ଅପେକ୍ଷା ବେଶୀ ଜାତି ଅଛି । ତଥାପି ସେମାନେ ଆଜି ଐକ୍ୟବଦ୍ଧ ।'**

ମାତ୍ର ନେତାଜୀ ଓ ଆଜାଦ୍‌ହିନ୍ଦ୍ ସେନାନୀଙ୍କ ପ୍ରତି, କି ବାମ କି ଦକ୍ଷିଣ, ସବୁ ନେତାଙ୍କର କୁତ୍ସା, ଅପବାଦ, ଅଶାଳୀନ ମନ୍ତବ୍ୟର ଅନ୍ତ ନଥିଲା । ନେତାଜୀଙ୍କୁ ଫାସିବାଦର ଦଲାଲ, କୁଇସିଲିଂ ଅଭିହିତ କରି ପଣ୍ଡିତ ନେହେରୁ କହିଥିଲେ,- 'ସୁଭାଷ ଚନ୍ଦ୍ର ଦେଶକୁ ଫେରି ଆସିଥିଲେ ମୁଁ ତାଙ୍କୁ ତଲୱାର ଦେଇ ଅଭ୍ୟର୍ଥନା ଜଣାଇବି ।' ସି.ପି.ଆଇ କହିଥିଲା– "ଭାରତ ମାଟିରେ ପାଦ ଦେଇ ଲୁଟ୍‌ରାଜ ଓ ଡକାଏତି କରିବାକୁ ବୋଷଙ୍କ ଭଡାଟିଆ 'ମୁକ୍ତିବାହିନୀ', ଚୋର ଡକାଏତ ବାହିନୀ ଚେଷ୍ଟା କଲେ ସେମାନେ ଟେର ପାଇବେ ଯେ ସେମାନଙ୍କ ଉପରେ ଆମ୍ଭମାନଙ୍କର ରାଗ ଓ ଘୃଣା କେତେ ।" ଏହି ମୁକ୍ତିସେନା ଦେଶପାଇଁ କି କଷ୍ଟ ସାଧ ଲଢେଇ କରିଥିଲା ତା' ଶାହନୱାଜ ଖାନ୍ ଲାଲକିଲ୍ଲାର ଜମାନବନ୍ଦୀରେ କହିଥିଲେ– "ଦୀର୍ଘଦିନ ଧରି ଆମ୍ଭମାନଙ୍କୁ ଖାଲି ଚାଉଳ ଏବଂ ଜଙ୍ଗଲର ଘାସ ଖାଇ ଯୁଦ୍ଧ କରିବାକୁ ପଡିଛି । ଏପିରିକି ଟିକେ ଲୁଣ ମିଳିବା ବିଳାସିତା ଥିଲା । ଏହି ଅବସ୍ଥାରେ ଆମେ ବର୍ମାର ଯୁଦ୍ଧ କ୍ଷେତ୍ରରେ ୩ହଜାରୁ ବି ଅଧିକ ମାଇଲ ମାର୍ଚ୍ଚ କରିଛୁ । କୌଣସି ଭଡାଟିଆ ବା କାହା ହାତର ସଖି କଣ୍ଢେଇ ସୈନ୍ୟବାହିନୀ ଏହି ଆଜାଦହୀନ୍ଦ ଫୌଜ ଭଳି କଠୋର ଦୂରାବସ୍ଥାର ସମ୍ମୁଖୀନ ହୋଇ ଲଢିପାରିନଥାନ୍ତା ।"

ପୁଣି ସେ ପ୍ରତ୍ୟକ୍ଷ କରିଥିବା ଜଣେ ମୃତ୍ୟୁପଥ ଯାତ୍ରୀ କ୍ଷତବିକ୍ଷତ ରକ୍ତ ଓ ପୂଜରେ ଜୁଡୁବୁଡୁ ସୈନ୍ୟଙ୍କର ଆବେଗଭରା କଥା ଦେଶବାସୀଙ୍କୁ ଶୁଣାଇଥିଲେ 'ସାହେବ, ଆପଣ ତ ଫେରିଯାଉଛନ୍ତି–ନେତାଜୀଙ୍କ ସହିତ ଆପଣଙ୍କର ଦେଖା ହେବ, କିନ୍ତୁ ମୋ ସହିତ ଆଉ ତାଙ୍କର ଦେଖା ହେବନାହିଁ । ତାଙ୍କୁ ମୋର "ଜୟହିନ୍ଦ୍" ଜଣାଇ ଦେଇ କହିବେ, ତାଙ୍କ ନିକଟରେ ମୁଁ ଯେଉଁ ଅଙ୍ଗୀକାର କରିଥିଲି, ତା' ଅକ୍ଷରେ ଅକ୍ଷରେ ପାଳନ କରୁଛି । କିପରି ମୋର ମୃତ୍ୟୁ ହେଲା ସେ କଥା ମଧ୍ୟ ତାଙ୍କୁ କହିବେ; ମୋର ଜୀବନ୍ତ ଅବସ୍ଥାରେ ହିଁ ମୋର ଦେହକୁ ପୋକ କିଭଳି ଖିନଭିନ୍ କରି ଖାଉଛି ସେକଥା କହିବେ । ଆଉ ଏକଥା ମଧ୍ୟ ତାଙ୍କୁ କହିବେ, ଏହି ନିଦାରୁଣ ଯନ୍ତ୍ରଣା ମଧ୍ୟରେ ବି ଏକ ଦିବ୍ୟ ଆନନ୍ଦ ଓ ଅପୂର୍ବ ଶାନ୍ତି ପାଉଛି । କାରଣ ପ୍ରତି ମୁହୂର୍ତ୍ତରେ ହିଁ ମୋର ମନେ ହେଉଛି ମୁଁ ମୋର ଜନ୍ମଭୂମି ଭାରତବର୍ଷର ସ୍ୱାଧୀନତା ପାଇଁ ଜୀବନ ଦେଉଛି ।''

ଏହିଭଳି ହଜାର ହଜାର ମୁକ୍ତି ସେନାନୀ ଦେଶର ସ୍ୱାଧୀନତା ପାଇଁ ପ୍ରାଣ ବିସର୍ଜନ କରିଛନ୍ତି, ଆସନ୍ନ ପରାଜୟ ସମ୍ମୁଖରେ ମଧ୍ୟ ନେତାଜୀ ଭାଙ୍ଗି ପଡି ନାହାନ୍ତି । ଦୃପ୍ତ କଣ୍ଠରେ କହିଛନ୍ତି, "କମ୍ରେଡଗଣ, ବିପ୍ଳବୀ କେବେ ବି କୌଣସି ବ୍ୟର୍ଥତା ବା ବିପର୍ଯ୍ୟୟରେ ହତାଶ ବା ବିସନ୍ନ ହୋଇପାରେନା ।" ପୁଣି ଗଭୀର ପ୍ରତ୍ୟାଶାରେ କହିଥିଲେ- "ଆଜି ଯଦି ୟୁରୋପର ଏଭଳି କୌଣସି ବ୍ୟକ୍ତି ଥା'ନ୍ତି ଯାହାଙ୍କ ହାତରେ ଆଗାମୀ କେତେ ଦଶନ୍ଧି ପାଇଁ ୟୁରୋପୀୟ ଜାତିଗୁଡିକର ଭାଗ୍ୟ ନ୍ୟସ୍ତ, ତେବେ ସେ ହେଲେ ମାର୍ଶାଲ ଷ୍ଟାଲିନ୍ । ସୁତରାଂ ଭବିଷ୍ୟତରେ ସୋଭିଏତ୍ ୟୁନିୟନ କ'ଣ କରିବ ନ କରିବ ସେଥିପ୍ରତି ସର୍ବାଧିକ ଉଦ୍‌ବେଗ ନେଇ ସମଗ୍ର ବିଶ୍ୱ ଏବଂ ସର୍ବୋପରି ୟୁରୋପ ଦୃଷ୍ଟି ନିବଦ୍ଧ କରି ରହିବ ।'

ପରବର୍ତ୍ତୀ ସମୟରେ ନେତାଜୀ ତଥା ଆଜାଦହିନ୍ଦ୍ ଫୌଜର ଅତୁଳନୀୟ ବୀରତ୍ୱପୂର୍ଣ୍ଣ ସଂଗ୍ରାମ ଐତିହାସିକ ନୌ ବିଦ୍ରୋହକୁ ଜନ୍ମ ଦେଇଥିଲା ଯାହା ଇଂରେଜ ସାମ୍ରାଜ୍ୟର ଭିତ୍ତିକୁ ଦୋହଲାଇ ଦେଇଥିଲା । ଅତି ଅମାନୁଷିକ ଭାବେ ଏହି ବିଦ୍ରୋହକୁ ଇଂରେଜ ସରକାର ଦମନ କରିଥିଲେ । ଏହି ଇତିହାସକୁ ସ୍ୱାଧୀନ ଭାରତରେ ମଧ୍ୟ ଚପାଇ ଦିଆଯାଇଛି ।

### ସ୍ୱପ୍ନ ହେଲା ବିଡମ୍ବିତ

ସେ ଯାହା ହେଉ ବ୍ରିଟିଶ ସାମ୍ରାଜ୍ୟବାଦୀମାନଙ୍କ ହାତରୁ ଏ ଦେଶର ପୁଞ୍ଜିପତି ହାତକୁ କ୍ଷମତା ହସ୍ତାନ୍ତରକରଣ ମଧ୍ୟ ଦେଇ ସ୍ୱାଧୀନତା ଆସିଲା । ସାମ୍ପ୍ରଦାୟିକ ହିଂସା, ଗଣହତ୍ୟା, ଗଣଧର୍ଷଣ ଆଦି ନାରକୀୟ କାଣ୍ଡ ମଧ୍ୟରେ ଦେଶ ମଧ୍ୟ ବିଭାଜିତ ହେଲା । ଦେଶର ରାଷ୍ଟ୍ର କ୍ଷମତାର ଅସଲ ମାଲିକ ହେଲେ ଦେଶର ପୁଞ୍ଜିପତି ଶ୍ରେଣୀ ଓ ସେମାନଙ୍କ ଦ୍ୱରା ତିଆରି ରାଜନୈତିକ ଦଳମାନେ ସରକାର ଗଢିଲେ । ସେଦିନ ନେତାଜୀଙ୍କୁ ଦେଶ ଛାଡିବାକୁ ବାଧ୍ୟ କରିଥିବା, ନେତାଜୀଙ୍କ ପ୍ରତି ଯାବତୀୟ ଅଶାଳୀନ ମନ୍ତବ୍ୟ ଓ ତାଙ୍କ ବିରୁଦ୍ଧରେ କୁତ୍ସାରଟନା କରିଥିବା ଏପରିକି ଦେଶର ସ୍ୱାଧୀନତା ଆନ୍ଦୋଳନକୁ ପ୍ରତିକ୍ରିୟାଶୀଳ ଆନ୍ଦୋଳନ କହିଥିବା ସାଂପ୍ରଦାୟିକ ଶକ୍ତି ଓ ସଂଗଠନମାନେ ଆଜି ନେତାଜୀ ଜୟନ୍ତୀ ପାଳନ କରୁଛନ୍ତି । ଏହା ନିଜର ଅପକର୍ମକୁ ଘଣ୍ଟ ଘୋଡାଇବାର ଅପକୌଶଳ ଛଡା ଆଉ କଣ ହୋଇପାରେ । ନେତାଜୀ ସାରା ଜୀବନ ବିଭିନ୍ନ ସଂପ୍ରଦାୟ ମଧ୍ୟରେ ସାଂସ୍କୃତିକ ଅନ୍ତରଙ୍ଗତା ଓ ସହଯୋଗର କଥା କହୁଥିଲେ ଏବଂ ଧର୍ମନିରପେକ୍ଷ ବିଜ୍ଞାନ ଭିତ୍ତିକ ଶିକ୍ଷା ମାଧ୍ୟମରେ ହିଁ

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)



## ସ୍ୱାଧୀନତା ଆନ୍ଦୋଳନର ....

*୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ*

ଧର୍ମାନ୍ଧତାର ଗୋଲାମୀ ଦୂର ହୋଇପାରିବ ବୋଲି ଦୃଢମତ ପୋଷଣ କରିଥିଲେ । କିନ୍ତୁ ବିଜେପି ପରିଚାଳିତ ମୋଦି ସରକାର ନେତାଜୀଙ୍କ ଶିକ୍ଷାର ଠିକ୍ ବିପରୀତ କାମ ହିଁ କରୁଛି । ସମାଜରେ ଧର୍ମାନ୍ଧତା, ମଧ୍ୟଯୁଗୀୟ ଅନ୍ଧତା, କୁସଂସ୍କାର ପ୍ରସାର କରି ହିନ୍ଦୁ ରାଷ୍ଟ୍ର ନାଁରେ ପ୍ରକୃତରେ ଭାରତକୁ ଏକ ଶକ୍ତିଶାଳୀ ଫାସିବାଦୀ ରାଷ୍ଟ୍ରରେ ପରିଣତ କରିବାପାଇଁ ଯୋଜନାବଦ୍ଧ ପଦକ୍ଷେପ ନେଇଚାଲିଛି । ଏହି ସରକାରର ନେତାଜୀ ଜୟନ୍ତୀ ପାଳନ ପଛରେ ଥିବା ଦୂରଭିସନ୍ଧିର ପର୍ଦ୍ଦାଫାସ କରିବା ଆଜି ଅତୀବ ଜରୁରୀ । ତେଣୁ ନେତାଜୀଙ୍କ ଅମୂଲ୍ୟ ଶିକ୍ଷାର ବ୍ୟାପକ ପ୍ରସାରର ଗୁରୁତ୍ୱ ଅନୁଭବ କରିବାକୁ ପଡିବ । ଏହା ହିଁ ହେଉଛି ନେତାଜୀଙ୍କର ୧୨୬ତମ ଜନ୍ମ ବର୍ଷିକୀର ଆହ୍ୱାନ ।

ଆଜି ଦେଶ ଏକ ଭୟାବହ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି । କରୋନା ମହାମାରୀ ଦେଶର ପୁଞ୍ଜିବାଦୀ ରାଷ୍ଟ୍ରର ଦାନବୀୟ ଚରିତ୍ରକୁ ସଂପୂର୍ଣ୍ଣ ଉନ୍ମୋଚିତ କରିଛି । ସାଧାରଣ ଲୋକ ଦରିଦ୍ରରୁ ଆହୁରି ଦରିଦ୍ର ହୋଇଛନ୍ତି । ମାତ୍ର କେତେଜଣ ହାତଗଣତି ଧନୀମାନଙ୍କର ଧନ ହିମାଳୟ ପାହାଡ ଭଳି ବୃଦ୍ଧି ପାଇଛି । କର୍ମଚ୍ୟୁତ ବେକାର, ପାଠପଢାରୁ ବଂଚିତ ଛାତ୍ର, ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ବେକାର, ଅନ୍ନଦାତା କୃଷକ, ନିର୍ଯାତିତା ମହିଳା, ସବୁ ଅଂଶର ମଣିଷ ହତାଶ ହୋଇ ଆତ୍ମହତ୍ୟା, ସପରିବାର ଆତ୍ମହତ୍ୟାର ଦୁଃଖଦ ପଥ ବାଛି ନେଉଛନ୍ତି । ତେବେ ଶାସକଶ୍ରେଣୀର ସବୁଠାରୁ ବଡ ଆକ୍ରମଣ ନୀତି-ନୈତିକତା-ମୂଲ୍ୟବୋଧ ଉପରେ । ସେମାନେ ଭୟପା'ନ୍ତି ମଣିଷର ମନୁଷ୍ୟତ୍ୱକୁ । କାରଣ ଜାଗ୍ରତ ମନୁଷ୍ୟତ୍ୱ ଯୁଗେ ଯୁଗେ ସମାଜର ପରିବର୍ତ୍ତନ ଆଣିଛି । ପୁରାତନକୁ ଧ୍ୱଂସ କରି ନୂତନର ସୌଧ ନିର୍ମାଣ କରିଛି । ମହାପୁରୁଷମାନଙ୍କ ସଂଗ୍ରାମୀ ଜୀବନର ଅମୂଲ୍ୟ ଶିକ୍ଷାକୁ ଜୀବନରେ ପ୍ରୟୋଗ, ଶୋଷିତ ନିର୍ଯାତିତ ମଣିଷ ପ୍ରତି ଅଫୁରନ୍ତ ଭଲ ପାଇବା, ଅନ୍ୟାୟ ଅବିଚାରର ଦୃଢ ବିରୋଧ ମଧ୍ୟଦେଇ ଏହି ମନୁଷ୍ୟତ୍ୱ ଗଢି ଉଠେ । ସେଥିପାଇଁ ନେତାଜୀଙ୍କ ଭଳି ମହାନ ଯୋଦ୍ଧାମାନଙ୍କ ଦେଶପ୍ରେମ, ବିପ୍ଲବୀ ଚରିତ୍ରକୁ ଜନମାନସରୁ ପୋଛି ଦେବାପାଇଁ ଯେତେପ୍ରକାର ଜଘନ୍ୟ ଷଡଯନ୍ତ୍ର ଚାଲିଛି । ମହାନ୍ ସାହିତ୍ୟିକ ଶରତଚନ୍ଦ୍ର କହିଥିଲେ- 'ମଣିଷକୁ ପଶୁ ବନାଇ ନପାରିଲେ ସେମାନଙ୍କଠାରୁ ପଶୁର କାର୍ଯ୍ୟ ଆଦାୟ କରାଯାଇପାରିବ ନାହିଁ ।' ଆଜି ଶାସକ ଶ୍ରେଣୀ ଏହି ଜଘନ୍ୟ କାର୍ଯ୍ୟରେ ଲିପ୍ତ କି ନୁହେଁ ବିଚାର କରନ୍ତୁ ।

ତେଣୁ ଆଜି ମନୁଷ୍ୟତ୍ୱ ଆକ୍ରାନ୍ତ, ସଭ୍ୟତା ବିପନ୍ନ । ମହାନ ନେତା ଶିବଦାସ ଘୋଷ କହିଥିଲେ,- 'ଗୋଟିଏ ଜାତି, ଗୋଟିଏ ଦେଶର ଶୋଷିତ ଜନଗଣ ଅଭୁକ୍ତ ଥାଇ ମଧ୍ୟ ଲଢିପାରେ, ମିଲିଟାରୀ ଓ ପୋଲିସର ହଜାର ଅତ୍ୟାଚାର ନିପୀଡନ ସତ୍ତ୍ୱେ ଲଢିପାରେ ଯଦି ତାର ମନୁଷ୍ୟତ୍ୱ ଥାଏ, ଯଦି ତାର ଚରିତ୍ର ଥାଏ, ଯଦି ତାର ନୈତିକ ବଳ ଥାଏ ।'

ତେଣୁ ନେତାଜୀଙ୍କ ୧୨୬ତମ ଜନ୍ମ ଜୟନ୍ତୀ ଆହ୍ୱାନ ଦିଏ, ମନୁଷ୍ୟତ୍ୱ-ସଭ୍ୟତା-ସଂସ୍କୃତିକୁ ରକ୍ଷା କରିବାକୁ ହେଲେ ମାନବସମାଜର ଘୃଣ୍ୟତମ ଶତ୍ରୁ ପୁଞ୍ଜିବାଦ-ସାମ୍ରାଜ୍ୟବାଦ ଓ ଏହାର ରକ୍ଷା କବଚ ଫାସିବାଦକୁ ଧ୍ୱଂସ କରି ସାଂପ୍ରଦାୟିକ ବିଭେଦକାମୀ ଶକ୍ତିମାନଙ୍କୁ ଦୃଢଭାବେ ପ୍ରତିହତ କରି ଏକ ନୂତନ ଶୋଷଣହୀନ ସମାଜବାଦୀ ସମାଜ ପ୍ରତିଷ୍ଠାର ଦାୟିତ୍ୱ ପାଳନପାଇଁ ଆଗେଇ ଆସିବାକୁ ହେବ । ନେତାଜୀଙ୍କ ଶିକ୍ଷା ଆଜି ସ୍ମରଣ କରିବାକୁ ହେବ- "କେବଳ ବ୍ରିଟିଶକୁ ହଟାଇ ଦେଲେ ହିଁ ଆମର କର୍ତ୍ତବ୍ୟ ଶେଷ ହୋଇଯିବ ନାହିଁ । ଭାରତବର୍ଷରେ ନୂତନ ସମାଜ ବ୍ୟବସ୍ଥା ପ୍ରତିଷ୍ଠାପାଇଁ ଆଉ ଏକ ବିପ୍ଳବର ପ୍ରୟୋଜନ ।" ଆଜି ଦିନରେ ନିଶ୍ଚିତ ଭାବେ ସେହି ବିପ୍ଳବ ହେଉଛି ପୁଞ୍ଜିବାଦ ବିରୋଧୀ ସମାଜତାନ୍ତ୍ରିକ ବିପ୍ଳବ ।'

ଆସନ୍ତୁ, ନେତାଜୀ ୧୨୬ତମ ଜନ୍ମବର୍ଷ ପାଳନ ଅବସରରେ ଏ ଯୁଗର ବିପ୍ଳବୀ ଆଦର୍ଶକୁ ଜୀବନରେ ବ୍ରତଭାବେ ଗ୍ରହଣ କରି ନେତାଜୀଙ୍କ ସ୍ୱପ୍ନର ଭାରତ ଗଢିବା ପାଇଁ ସଂକଳ୍ପବଦ୍ଧ ହେବା ।

★★★

# ଅବ୍ୟବସ୍ଥିତ ମଣ୍ଡି ଓ କ୍ଷତିଗ୍ରସ୍ତ ଚାଷୀ

ସାରା ରାଜ୍ୟରେ ଧନକଟା ଆରମ୍ଭ ହୋଇଯାଇଛି । ଚାଷୀ ଆଶା କରୁଛି ସେ ଉତ୍ପାଦନ କରୁଥିବା ସମସ୍ତ ଧାନ ସରକାର ସର୍ବନିମ୍ନ ସହାୟକ ଦର(ଏମ୍ଏସ୍ପି)ରେ ଖରିଦ କରନ୍ତୁ । ତାହେଲେ ଚାଷୀ ହାତକୁ ଦୁଇପଇସା ଆସନ୍ତା । ଚାଷୀ ଯେନତେନ ପ୍ରକାରେ ତାର ଗୁଜୁରାଣ ମେଣ୍ଟାଇ ପାରନ୍ତା । ହେଲେ ସେଭଳି ବ୍ୟବସ୍ଥା ଆମ ରାଜ୍ୟରେ ନାହିଁ । ଆମ ରାଜ୍ୟ କାହିଁକି ସାରାଦେଶରେ କୌଣସି ରାଜ୍ୟରେ ଏଭଳି ବ୍ୟବସ୍ଥା ନାହିଁ । ଧାନ ଅମଳ ସମୟ ଆସିଲେ ସରକାର ସେହିବର୍ଷ କେତେ ପରିମାଣର ଧାନ ସରକାରୀ ମଣ୍ଡି ଜରିଆରେ ସରକାରଙ୍କ ଦ୍ୱାରା ଘୋଷିତ ଦରରେ ଖରିଦ କରିବେ ସେକଥା ଘୋଷଣା କରିଦିଅନ୍ତି । ସରକାର ବିଭିନ୍ନ ଜିଲ୍ଲା, ବ୍ଲକ୍ ଓ ମଣ୍ଡିରେ ଧାନ ଖରିଦର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରନ୍ତି । ଚଳିତ ବର୍ଷ ମଧ୍ୟ ରାଜ୍ୟ ସରକାର ତାହାହିଁ କରିଛନ୍ତି । ରାଜ୍ୟର ଚାଷୀ କେତେ ଫସଲ ଉତ୍ପାଦନ କରିବ ଏବଂ ସରକାର ଖରିଦ କରିବା ପରେ ବଳକା ଧାନକୁ କଣ କରିବ, ବଳକା ଧାନକୁ କେତେ ଦରରେ ବିକ୍ରି କରିବ ସେଥିରେ ସରକାରଙ୍କର କିଛି ଯାଏ ଆସେ ନାହିଁ ।

ସ୍ୱାଭାବିକ ଭାବରେ ଧାନ ଅମଳ ହେବା ପୂର୍ବରୁହିଁ ମଣ୍ଡିରେ ଧାନ ବିକ୍ରି କରିବାପାଇଁ ଚାଷୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଏ । ପୁଣି ରାଜ୍ୟର ସଂଖ୍ୟା ଗରିଷ୍ଠ ଚାଷୀ ଭାଗଚାଷୀ ହୋଇଥିଲେ ମଧ୍ୟ ସେମାନଙ୍କ ପକ୍ଷରେ ମଣ୍ଡିରେ ଧାନ ବିକ୍ରି କରିବା ସମ୍ଭବ ନୁହେଁ । କାରଣ କେବଳ କିଶାନ କ୍ରେଡିଟ୍ କାର୍ଡ ଥିବା ଜମି ମାଲିକମାନେ ହିଁ ମଣ୍ଡିରେ ଧାନ ବିକ୍ରି କରିବାପାଇଁ ଆବଶ୍ୟକ ଟୋକନ୍ ପାଇଁ ଅନଲାଇନରେ ଆବେଦନ କରିପାରିବେ । ବହୁ ବର୍ଷଧରି ଲଗାତର ଭାବରେ ଦାବି କରାଯାଉଥିଲେ ମଧ୍ୟ ଭାଗଚାଷୀମାନଙ୍କୁ ମଣ୍ଡିରେ ଧାନବିକ୍ରି କରିବାପାଇଁ ସରକାର କୌଣସି ବ୍ୟବସ୍ଥା କରିନାହାନ୍ତି । ଗୋଟିଏ ଟାସ୍କ ଫୋର୍ସ ଗଠନ କରିଦେଇ ସରକାର ଭାଗଚାଷୀଙ୍କ କଥା ଭୁଲି ଯାଇଛନ୍ତି । କେବଳ ସେତିକି ନୁହେଁ, ଟୋକନ ପାଇ ମଧ୍ୟ ରାଜ୍ୟର ହଜାର ହଜାର ଚାଷୀ ପ୍ରତିବର୍ଷ ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହୁଅନ୍ତି । ଏ ଚଳିତ ବର୍ଷ ମଧ୍ୟ ଏହାର ପୁନରାବୃତ୍ତି ଘଟିବା ନିଶ୍ଚିତ । ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାପାଇଁ ଟୋକନ ପାଉଥିବା 'ଭାଗ୍ୟବାନ' ଚାଷୀମାନଙ୍କୁ ପୁଣି ଆଉ ଥରେ ପରୀକ୍ଷା ଦେବାକୁ ହୁଏ । ମଣ୍ଡିକୁ ଧାନ ନେଇ ଯିବାପାଇଁ ଡାକରା ପାଇବାର ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରିବାକୁ ପଡେ । ତା'ପରେ ଚାଷୀକୁ ନିଜ ଖର୍ଚ୍ଚରେ ଧାନ ନେଇ ମଣ୍ଡିକୁ ଯିବାକୁ ହୁଏ । ମଣ୍ଡିରେ ପହଞ୍ଚିବା ପରେ ରକ୍ତକୁ ପାଣିକରି ଉତ୍ପାଦିତ ଫସଲ ବିକ୍ରି କରିବାକୁ ଚାଷୀକୁ ଦିନ ଦିନ ଶୀତ କାକରରେ ରାସ୍ତାକଡରେ ପଡି ରହିବାକୁ ପଡେ । ମଣ୍ଡିରେ ହାତ ଓଠ ଧରି ଧାନ ଗଣ୍ଡାକ ମପାଇବା ବେଳେ କଟ୍ନୀ ଛଟ୍ନୀ କରି ମିଲ ମାଲିକ ଚାଷୀର ରକ୍ତ ଶୋଷି ନିଏ । ଅସହାୟ ଚାଷୀର ଭାଗ୍ୟକୁ ଆଦରି ରହିବା ବ୍ୟତୀତ ଅନ୍ୟ କିଛି ଉପାୟ ନଥାଏ । ପ୍ରତିବର୍ଷ କଟନୀ ଛଟନୀ ଆଳରେ ମଣ୍ଡିରେ ଦିନ ଦ୍ୱିପହରେ ଚାଲିଥିବା ଲୁଟ୍ର କାହାଣୀ ଗଣମାଧ୍ୟମରେ ପ୍ରଚାରିତ ହୁଏ । ସରକାର ଏହା ବିରୁଦ୍ଧରେ ପଦକ୍ଷେପର ପ୍ରତିଶ୍ରୁତି ଦିଅନ୍ତି । ହେଲେ ବର୍ଷ ବର୍ଷ ଧରି ଏହି ଲୁଟ୍ ଚାଲିଛି । ଇତି ମଧ୍ୟରେ ମଣ୍ଡିରେ ବିକ୍ରି ହେଉଥିବା ଧାନ ଉପରେ ବୋନସ୍ ପ୍ରଦାନ ବ୍ୟବସ୍ଥାକୁ କେନ୍ଦ୍ର ସରକାର ଆଇନ କରି ବନ୍ଦ କରି ଦେଇଛନ୍ତି । କେବଳ ଧାନଗଣ୍ଡାକ ମଣ୍ଡିରେ ମପେଇ ଦେଇ ଚାଷୀ ଚାହିଁ ବସେ କେବେ ତା' ବ୍ୟାଙ୍କ ଖାତାକୁ ଟଙ୍କା ଆସିବ । ଟଙ୍କା ଆସିବାରେ ବିଳମ୍ବ ହେଲେ ବା ହିସାବ ଭୁଲ ହେଲେ କାହା ମୁଣ୍ଡଧରି କାନ୍ଦିବ ସେକଥା ଚାଷୀ ଜାଣେନା । ପୁଣି ଚଳିତ ବର୍ଷ ଧାନ ମଣ୍ଡିରୁ ଚାଉଳକଳ ପର୍ଯ୍ୟନ୍ତ ସଂଗୃହୀତ ଧାନ ପରିବହନ ପାଇଁ ପୂର୍ବରୁ ପ୍ରଚଳିତ ନିୟମ ପରିବର୍ତ୍ତନ ଫଳରେ ପରିବହନ ଖର୍ଚ୍ଚର ଗୋଟିଏ ଅଂଶ ଚାଷୀ ଉପରେ ପଡିବାର ଆଶଙ୍କା ସୃଷ୍ଟି ହୋଇଛି ।

ଏହା ହେଉଛି 'ଭାଗ୍ୟବାନ' ଚାଷୀମାନଙ୍କ ଅବସ୍ଥା । ଚାଷୀମାନଙ୍କ ମଧ୍ୟରେ ଶତକଡା ୮୫ଭାଗ ଚାଷୀ ହେଉଛନ୍ତି ଭାଗଚାଷୀ, ସେମାନେ ଶାଗ ମାଛ ମୂଲରେ ବେପାରୀମାନଙ୍କୁ ଧାନବିକ୍ରି କରିବାକୁ ବାଧ୍ୟ ହୁଅନ୍ତି । ବର୍ତ୍ତମାନ ଧାନର କ୍ୱିଣ୍ଟାଲପିଛା ସରକାରୀ ଦର ୨୦୪୦ରୁ ୨୦୬୦ଟଙ୍କା । କିନ୍ତୁ ବଜାରରେ ଧାନ ବିକ୍ରି ହେଉଛି କ୍ୱିଣ୍ଟାଲ ପିଛା ୧୩୦୦ରୁ ୧୪୦୦ଟଙ୍କାରେ । ଏଠାରେ ସୂଚନାଯୋଗ୍ୟ କିଛି ବର୍ଷ ପୂର୍ବରୁ ରାଜ୍ୟ ବିଜେଡି ସରକାର ଧାନର କ୍ୱିଣ୍ଟାଲ ପିଛା ଦର ୨୮୦୦ଟଙ୍କା କରିବାପାଇଁ ରାଜ୍ୟ ବିଧାନସଭାରେ ସର୍ବଦଳୀୟ ନିଷ୍ପତ୍ତି ଗ୍ରହଣ କରିଥିଲେ ଏବଂ ସେହି ମର୍ମରେ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ଦେଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ବିଶେଷଜ୍ଞ କମିଟିର ସୁପାରିଶ ଅନୁଯାୟୀ ଏହି ଦର ସ୍ଥିର କରାଯାଇଛି ବୋଲି ସରକାର ଦାବି କରିଥିଲେ । କେଉଁ ଆଧାରରେ ରାଜ୍ୟ ସରକାର ଧାନର ଏହି ଦର ଧାର୍ଯ୍ୟ କରିଥିଲେ ତା' ରାଜ୍ୟବାସୀଙ୍କୁ ଜଣା ନାହିଁ । କିନ୍ତୁ ଏହି ଦର ସ୍ୱାମୀନାଥନ କମିଟିର ସୁପାରିଶ ଆଧାରରେ ସି୩($C_3$) ଫର୍ମୁଲା ଅନୁଯାୟୀ ଯେ କରାଯାଇନାହିଁ ତା' ନିଶ୍ଚିତ । କାରଣ କେନ୍ଦ୍ର ବା ରାଜ୍ୟ ସରକାର ଏପର୍ଯ୍ୟନ୍ତ ସ୍ୱାମୀନାଥନ କମିଟିର ସୁପାରିସ ଗ୍ରହଣ କରିନାହାନ୍ତି । ଏହି କମିଟିର ସୁପାରିସ୍ ଆଧାରରେ ସମସ୍ତ ଫସଲର ସର୍ବନିମ୍ନ ସହାୟକ ଦର ସ୍ଥିର କରିବାପାଇଁ ଚାଷୀମାନେ ଦାବି କରୁଛନ୍ତି । ଏହି ପ୍ରସଙ୍ଗରେ ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ, ସ୍ୱାମୀନାଥନ କମିଟି ସୁପାରିଶ ଆଧାରରେ ଫସଲର ମୂଲ୍ୟ ନିର୍ଦ୍ଧାରଣ କରାଗଲେ ମଧ୍ୟ ଚାଷ ଚାଷୀ ପାଇଁ ଲାଭ ଦାୟକ ହେବ ନାହିଁ । ତେବେ ସମସ୍ତ ଚାଷୀ ଯଦି ଏହି ଦରରେ ଉତ୍ପାଦିତ ସମସ୍ତ ଫସଲ ବିକ୍ରି କରିପାରିବେ ତା' ହେଲେ ଅନ୍ତତଃ ବର୍ଷ ପରେ ବର୍ଷ ଅଭାବୀ ବିକ୍ରି କରି ଆତ୍ମହତ୍ୟା କରିବାକୁ କିମ୍ବା ଚାଷ ଛାଡି ଦାଦନ ଯିବାକୁ ବାଧ୍ୟ ହେବେ ନାହିଁ । ଢୋକେ ପିଇ ଦଣ୍ଡେ ଜିଇଁ ପାରିବେ । ସ୍ୱାମୀନାଥନ କମିଟି ସୁପାରିଶ ଆଧାରରେ ହିସାବକଲେ ଧାନର ସର୍ବନିମ୍ନ ସହାୟକ ଦର କ୍ୱିଣ୍ଟାଲପିଛା ୨୮୦୦ଟଙ୍କାରୁ ଯଥେଷ୍ଟ ଅଧିକ ହେବା ନିଶ୍ଚିତ । ତେବେ ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ମଧ୍ୟ ସରକାରୀ ମଣ୍ଡିରେ ଧାନ ବିକ୍ରିକରି ଚାଷୀ କ୍ୱିଣ୍ଟାଲ ପିଛା ୭୬୦ଟଙ୍କା କ୍ଷତି ସହୁଛି । ଖୋଲା ବଜାରରେ କ୍ୱିଣ୍ଟାଲ ପିଛା ୧୪୦୦ରୁ ୧୫୦୦ଟଙ୍କା କ୍ଷତି ସହୁଛି । ଗୋଟିଏ ଦିଗରେ ଚାଷ ପାଇଁ ଖର୍ଚ୍ଚ ବଢି ବଢି ଚାଲିଛି । ବିହନ, ସାର, ପୋକମରା ଔଷଧ, ବିଦ୍ୟୁତ ଶୁଳ୍କ, ଡିଜେଲ ଓ ଅନ୍ୟାନ୍ୟ କୃଷି ଉପକରଣର ଦର ବଢିଚାଲିଛି । ଚାଷପାଇଁ ଆବଶ୍ୟକ ଅର୍ଥ ଚାଷୀଙ୍କୁ ସରକାରୀ ବ୍ୟାଙ୍କ ବା ଅନ୍ୟାନ୍ୟ ସରକାରୀ ସଂସ୍ଥାରୁ ମିଳିପାରୁ ନାହିଁ । ଚାଷୀ ଚାଷ କରିବାପାଇଁ ମାଇକ୍ରୋ ଫାଇନାନ୍ସ ସଂସ୍ଥା, ଏସ୍ଏସ୍ଜି ଗ୍ରୁପ, ମହାଜନମାନଙ୍କଠାରୁ ଚଢା ସୁଧରେ ଋଣ ଆଣୁଛନ୍ତି କିମ୍ବା ଚୁକ୍ତି ଚାଷ କରି ଫସଲ ଫଳିବା ପୂର୍ବରୁ ହିଁ ଅଭାବୀ ବିକ୍ରି କରି ଦେଉଛନ୍ତି । ଏହି ସମସ୍ୟା ଭାଗଚାଷୀମାନଙ୍କ କ୍ଷେତ୍ରରେ ଅତ୍ୟନ୍ତ ଉତ୍କଟ । ଅନ୍ୟ ଦିଗରେ ଜୀବନ ଧାରଣ ପାଇଁ ବ୍ୟୟ ବଢିଚାଲିଛି । ଖାଦ୍ୟ, ବସ୍ତ୍ର, ଚିକିତ୍ସା, ଶିକ୍ଷା, ଗମନାଗମନ; ସବୁକିଛିର ଦର ବଢି ଚାଲିଛି । କିନ୍ତୁ ଚାଷୀର ବଂଚିବାର ଏକମାତ୍ର ଅବଲମ୍ବନ ତା' ଫସଲର ଦାମ ବଢୁନାହିଁ । ସେଥିପାଇଁ ଚାଷୀ ଆଗରେ ଦୁଇଟି ମାତ୍ର ବିକଳ୍ପ । ହୁଏତ ବର୍ଷ ପରେ ବର୍ଷ ଅଭାବୀ ବିକ୍ରିକରି, ଋଣ ଗ୍ରସ୍ତ ହୋଇ ଆତ୍ମହତ୍ୟା କରିବ କିମ୍ବା ଚାଷ ଛାଡିଦେଇ ଦାଦନ ଖଟିବାକୁ ଯିବ । ଆଉ ବଡ ବଡ ସହରର ପୂତିଗନ୍ଧମୟ ବସ୍ତିରେ ମାନବୋ ର ଜୀବନ ଯାପନ କରିବ । ଏହି ପରିସ୍ଥିତିରେ ଚାଷୀ ଚାଷ ଛାଡିଦେଇ ବଂଚିବାପାଇଁ ଅନ୍ୟରାସ୍ତା ଖୋଜୁଛି ।

ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ, ଦେଶରେ ଉତ୍ପାଦିତ ହେଉଥିବା ବିଭିନ୍ନ ଧରଣର କୃଷିଜାତ ସାମଗ୍ରୀ ଓ ଫଳ ମଧ୍ୟରୁ ସାମାନ୍ୟ କେତୋଟି ହାତଗଣତି ଫସଲ ପାଇଁ ସରକାର ସର୍ବନିମ୍ନ ସହାୟକ ଦର ଘୋଷଣା କରନ୍ତି । ତା'ପୁଣି ସ୍ୱାମୀନାଥନ କମିଟି ସୁପାରିଶ ଆଧାରରେ ନୁହେଁ । ସେହି ଫସଲ ମଧ୍ୟରୁ ଧାନ, ଗହମ ଓ ଅନ୍ୟ କେତୋଟି ଫସଲ ବ୍ୟତୀତ ଅନ୍ୟକୌଣସି ଫସଲ ସରକାର ଖରିଦ କରନ୍ତି ନାହିଁ । ଆମ ରାଜ୍ୟରେ ସରକାର କେବଳ

*(ଅବଶିଷ୍ଟାଂଶ ଶେଷ ପୃଷ୍ଠାରେ)*

Regd.No-ORI ORI/2011/37220 • VOL.NO. 10, ISSUE NO. 01 • ମୂଲ୍ୟ-୫ଟଙ୍କା

# ନାରୀ ନିର୍ଯ୍ୟାତନା ପ୍ରତିବାଦରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଗଠନର ପ୍ରତିବାଦ ସଭା




ମହିଳା ଓ ଶିଶୁକନ୍ୟାମାନଙ୍କ ଉପରେ ବଢି ଚାଲିଥିବା ନିର୍ଯ୍ୟାତନା ବନ୍ଦ କରିବା, ମଦ ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ କରିବା, ଇ ରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା ଓ ନଗ୍ନତାର ପ୍ରସାର ବନ୍ଦ କରିବା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ଘରୋଇ କରଣ ବନ୍ଦ କରିବା, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଓ ପାଚିକା-ସହାୟିକା ତଥା ସମସ୍ତ ସ୍କିମ୍ ୱାର୍କରମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା, ପେଟ୍ରୋଲ ଡିଜେଲ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ବନ୍ଦ କରିବା ଇତ୍ୟାଦି ଦାବିରେ ଏହି ପ୍ରତିବାଦ ସଭା ସଂଗଠିତ ହୋଇଥିଲା । ଏହି ସଭାରେ ସଂଗଠନର ସର୍ବଭାରତୀୟ ସାଧାରଣ ସଂପାଦିକା କମ୍ରେଡ ଛବି ମହାନ୍ତି ମୁଖ୍ୟବକ୍ତା, ରାଜ୍ୟ ସଂପାଦିକା କମ୍ରେଡ୍ ସ୍ୱୟଂପ୍ରଭା ନାୟକ ଅନ୍ୟତମ ବକ୍ତା ଭାବରେ ଯୋଗ ଦେଇ ଆଗାମୀ ଓ ଫେବୃୟାରୀ ୭ତାରିଖ ରାଜ୍ୟସ୍ତରୀୟ ମହିଳା ସମାବେଶକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହା ବ୍ୟତୀତ ସ୍ୱାଧୀନତା ଆନ୍ଦୋଳନର ଆପୋଷହୀନ ଧାରାର ବଳିଷ୍ଠତମ ପ୍ରତିନିଧି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୬ତମ ଜନ୍ମ ଦିବସକୁ ମର୍ଯ୍ୟାଦାର ସହିତ ପାଳନ କରିବାପାଇଁ ନିବେଦନ କରିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କମ୍ରେଡ ତରଙ୍ଗିଣୀ ଦାସ, ସୁଲୋଚନା ପ୍ରଧାନ, ମନ୍ଦୋଦରୀ ରାଉଳ, ଲିଓନି ତିର୍କୀ, ଦ୍ରୌପଦୀ ମହାନ୍ତ, ହୀରାମଣୀ ରାଉତ, ଶାନ୍ତି ଚାକିଆ, ମଞ୍ଜୀ ଦେଓଗାଁଓ, ସଂଯୁକ୍ତା ସାମଲ, ମଞ୍ଜୁଲତା ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ★★★

# ଅନୁଗୁଳରେ ସ୍ଥାୟୀ ନିଯୁକ୍ତି ଦାବିରେ ଏଆଇଡିୱାଇଓ ପକ୍ଷରୁ ବିକ୍ଷୋଭ




ସରକାରଙ୍କର ବିଭିନ୍ନ ବିଭାଗରେ ଖାଲି ପଡିଥିବା ସମସ୍ତ ପଦବୀ ପୂରଣ କରିବା, ବିଭିନ୍ନ କଳ କାରଖାନା ଓ ଖଣିରେ ଖାଲି ପଡିଥିବା ପଦବୀକୁ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ଅନୁଗୁଳ ଜିଲ୍ଲାରେ ପ୍ରତିଷ୍ଠିତ ଶିଳ୍ପ ଓ ଖଣି ଖାଦାନରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାରର ଯୁବକ ଯୁବତୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା, ସମସ୍ତ ପ୍ରକାର ଠିକା ନିଯୁକ୍ତି ସଂପୂର୍ଣ୍ଣ ବନ୍ଦ କରିବା, ସମସ୍ତ ବେକାରଙ୍କୁ ବେକାରୀ ଭତ୍ତା ଦେବା, ତାଳଚେର ମେଡିକାଲ କଲେଜକୁ ତୁରନ୍ତ ଚାଲୁ କରିବା ଓ ଅନୁଗୁଳ ବିଏଡ୍ କଲେଜରେ ଆବଶ୍ୟକ ଅଧ୍ୟାପକ ନିଯୁକ୍ତି ଦାବିରେ ଅଲ ଇଣ୍ଡିଆ ଡିୱାଇଓ ଅନୁଗୁଳ କମିଟି ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ୧୭ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସଂଗଠନର ଜିଲ୍ଲା ସଂପାଦକ କମ୍ରେଡ କୈଳାସ ସାହୁଙ୍କ ସଭାପତିତ୍ୱରେ ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିବାଦ ସଭାରେ ସଂଗଠନର ରାଜ୍ୟ ସଭାପତି କମ୍ରେଡ ମାନସ ପାଳ, ଜିଲ୍ଲା ସଭାପତି କମ୍ରେଡ ନିରଞ୍ଜନ ନାୟକ, ଜ୍ୟୋତ୍ସ୍ନା ସାମଲ, ଭରତ ନାଏକ, କିଶୋର ବିଶ୍ୱାଳ, ସତ୍ୟରଂଜନ ସାହୁ, କାଳନ୍ଦୀ ନାୟକ, ଉଲ୍ଲାସ ମୁଦୁଲି, ମଳୟ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ । ବିକ୍ଷୋଭ ସ୍ଥଳରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା ।

★★★

# ଏ.ଆଇ.ଡି.ଏସ୍.ଓ.ର ୬୯ତମ ପ୍ରତିଷ୍ଠା ଦିବସ ରାଜ୍ୟବ୍ୟାପୀ ପାଳିତ !



ବୈଜ୍ଞାନିକ ସମ୍ମତ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଓ ସର୍ବଜନୀନ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ପାଇଁ ଭାରତବର୍ଷର ଏକମାତ୍ର ବିପ୍ଳବୀ ଛାତ୍ର ସଂଗଠନ ଏ.ଆଇ.ଡି.ଏସ୍.ଓ. ସଂଗ୍ରାମ ଜାରୀ ରଖିଛି। ସଂଗଠନର ୬୯ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସମଗ୍ର ରାଜ୍ୟରେ ନାନାବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଉପଲକ୍ଷେ ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଂପାଦକ କମ୍ରେଡ୍ ସିଦ୍ଧାର୍ଥ ରଥ ପତାକା ଉତ୍ତୋଳନ କରିଥିଲେ। ଶହୀଦବେଦୀରେ ସଂଗଠନର ସର୍ବଭାରତୀୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ସୁବାସ ନାୟକ ଓ ଗଣେଶ ତ୍ରିପାଠୀ ମାଲ୍ୟାର୍ପଣ କରିଥିଲେ। ★★★

# ଜନ ଅଧିକାର ସୁରକ୍ଷା କମିଟି ପକ୍ଷରୁ ରଘୁନାଥପୁର ତହସିଲରେ ବିକ୍ଷୋଭ



ଆଦିବାସୀମାନଙ୍କୁ ଘରଡିହର ପଟ୍ଟା ପ୍ରଦାନ, ଆବସ ଗୃହ ପ୍ରଦାନ ଓ ବିଭିନ୍ନ ସାଟିଫିକେଟ୍ ସୁବିଧାରେ ଯୋଗାଇଦେବା, ଜଙ୍ଗଲ ସଂରକ୍ଷଣ ନିୟମାବଳୀ-୨୦୨୨କୁ ରଦ୍ଦ କରିବା ଓ ଜଙ୍ଗଲ ଅଧିକାର ଆଇନ୍ ୨୦୦୬କୁ କଡାକଡି କାର୍ଯ୍ୟକାରୀ କରିବା ଦାବିରେ ଜାନୁଆରୀ ୫ତାରିଖରେ ସାରା ଭାରତ ଜନଅଧିକାର ସୁରକ୍ଷା କମିଟି, ଜଗତସିଂହପୁର ଶାଖା ପକ୍ଷରୁ ରଘୁନାଥପୁର ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସଂଗଠନର ଜଗତସିଂହପୁର ଜିଲ୍ଲା ଆବାହକ କମ୍ରେଡ୍ ପ୍ରଦୀପ୍ତ ରାମଙ୍କ ଓ ଆଦିବାସୀନେତା ସାମ ସିଂଙ୍କ ନେତୃତ୍ୱରେ ପୁରଣ ଓଡପଡାରୁ ବିକ୍ଷୋଭକାରୀମାନେ ଏକ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଚାଷୀନେତା ସୁବାସ ସ୍ୱାଇଁ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁନା ସିଂ, ବସନ୍ତୀ ସିଂ, ବୁଲୁ ସିଂ ଓ ମିନତୀ ସିଂ ଙ୍କ ସମେତ ଶତାଧିକ ବିକ୍ଷୋଭକାରୀ ଏହି ବିକ୍ଷୋଭରେ ଯୋଗ ଦେଇଥିଲେ । ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା ।




ଏଆଇଡିଏସଓ ଉଦ୍ୟୋଗରେ ୩ୟ ଗଞ୍ଜାମଜିଲ୍ଲାଠାରେ ଛାତ୍ର ସମ୍ମିଳନୀ




ଏ.ଆଇ.ଡି.ଏସ୍.ଓ ଉଦ୍ୟୋଗରେ ପ୍ରଥମ କୋରାପୁଟ ଜିଲ୍ଲା ଛାତ୍ର ସମ୍ମିଳନୀ

## ଅବ୍ୟବସ୍ଥିତ ମଣ୍ଡି ....

*୭ମ ପୃଷ୍ଠାର ଅବଶିଷ୍ଟାଂଶ*

ଧାନ ହିଁ ଖରିଦ କରନ୍ତି । ସୁତରାଂ କେତେକ ଫସଲର ସର୍ବନିମ୍ନ ସହାୟକ ଦର ଘୋଷଣା କରାଗଲେ ମଧ୍ୟ ଚାଷୀ ତା'ର କୌଣସି ଫାଇଦା ପାଏ ନାହିଁ । ପୁଣି ସର୍ବନିମ୍ନ ସହାୟକ ଦର ଘୋଷଣା ହେଉନଥିବା ଫସଲ କଥା ନ କହିବା ଭଲ । ପନିପରିବା ଚାଷୀପାଇଁ କୌଣସି ସରକାରୀ ବ୍ୟବସ୍ଥା ନାହିଁ । ରାଜ୍ୟର ନବେଭାଗ ଶୀତଳ ଭଣ୍ଡାର ଅଚଳ । ଚାଷୀ ସଂପୂର୍ଣ୍ଣ ଭାବରେ ବେପାରୀମାନଙ୍କ ଦୟାରେ । ବଜାରରେ କିଲୋପ୍ରତି ୫୦ଟଙ୍କାରେ ବିକ୍ରି ହେଉଥିବା ପରିବାକୁ ଚାଷୀ ୫ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହୁଏ । ଅମଳ ସମୟରେ ବ୍ୟବସାୟୀମାନେ କମ ଦାମରେ ଚାଷୀଠାରୁ ଫସଲ ଖରିଦ କରନ୍ତି, ପରବର୍ତ୍ତୀ ସମୟରେ ଏହି ଫସଲକୁ ଚଢା ଦାମରେ ବିକ୍ରିକରି ମୁନାଫା ଲୁଟ୍ କରନ୍ତି । ଚାଷୀ ଅଭାବରେ ମରେ ।

ଏହି ପରିସ୍ଥିତିରେ ଚାଷୀ ଉତ୍ପାଦନ କରୁଥିବା ସମସ୍ତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ୱାମୀନାଥନ କମିଟି ସୁପାରିଶ ଆଧାରରେ ସ୍ଥିର କରିବା ଏବଂ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍ଏସ୍ପିକୁ ଆଇନରେ ପରିଣତ କରିବା ପାଇଁ ଅଲ୍ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ (ଏଆଇକେକେଏମ୍ଏସ୍) ପକ୍ଷରୁ ଦାବି କରାଯାଉଛି । ଏହା ବ୍ୟତୀତ ଚାଷୀ ଓ ଭାଗଚାଷୀ ଉଭୟଙ୍କୁ ଚାଷ ପାଇଁ ବିନା ସୁଧରେ ବ୍ୟାଙ୍କ ଋଣ ଯୋଗାଇଦେବା, ବିହନ, ସାର, କୀଟନାଶକ, କୃଷି କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଯନ୍ତ୍ରପାତି ଉପରେ ଶତକଡା ୭୫ଭାଗ ସବ୍ସିଡି ପ୍ରଦାନ କରିବା ମଧ୍ୟ ଜରୁରୀ । ସର୍ବୋପରି ଭାଗ ଚାଷୀମାନଙ୍କୁ ମଣ୍ଡିରେ ଫସଲ ବିକ୍ରି କରିବାର ବ୍ୟବସ୍ଥା କରିବା, ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲହାନୀ ହେଲେ ଭାଗଚାଷୀମାନଙ୍କୁ କ୍ଷତିପୂରଣ ଅର୍ଥରେ ଭାଗିଦାର କରିବାପାଇଁ ମଧ୍ୟ ସଂଗଠନ ପକ୍ଷରୁ ଦାବି କରାଯାଉଛି । ଏହି ଦାବିରେ ମୟୁରଭଞ୍ଜ ଜିଲ୍ଲାର ଯଶିପୁରଠାରେ ଅଲ୍ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ(ଏଆଇକେକେଏମ୍ଏସ୍)ର ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଦାବିରେ ଆଗାମୀ ମାର୍ଚ୍ଚ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ଜୟନଗରଠାରେ ଅନୁଷ୍ଠିତ ହେବାକୁ ଯାଉଛି ସର୍ବଭାରତୀୟ ସମ୍ମିଳନୀ । ଏହି ସମ୍ମିଳନୀକୁ ସର୍ବୋତ ଭାବରେ ସଫଳ କରିବାପାଇଁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି । ★★★

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District- Khurda, Odisha E-mail: sarbaharakranti@yahoo.co.in
Editor : Bishnu Das